# ମୁଖ୍ୟ କାର୍ଯ୍ୟାବଳୀ

## ୨୦୨୨-୨୦୨୩










## ସ୍ୱରାଷ୍ଟ୍ର ବିଭାଗ

### ଓଡ଼ିଶା ସରକାର

5T
TRANSPARENCY
TECHNOLOGY
TEAMWORK
TIME
TRANSFORMATION

# ବିଷୟବସ୍ତୁ


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| ୧. | ପୋଲିସ ସଂଗଠନ | ୩-୨୨ |
| ୨. | ତାଲିମ ଓ ମାନବ ସମ୍ବଳ | ୨୩-୨୫ |
| ୩. | କାରାଗାର ସଂଗଠନ | ୨୬-୨୯ |
| ୪. | ଅଗ୍ନିଶମ ସେବା ସଂଗଠନ | ୩୦-୩୪ |
| ୫. | ବେସାମରିକ ପ୍ରତିରକ୍ଷା ସଂଗଠନ | ୩୫-୩୬ |
| ୬. | ଗୃହରକ୍ଷୀ ସଂଗଠନ | ୩୭-୩୮ |
| ୭. | ନ୍ୟାୟ ପାଳିକା | ୩୯-୪୦ |
| ୮. | ନିର୍ବାଚନ | ୪୧-୪୨ |
| ୯. | ରାଜ୍ୟ ସୈନିକ ବୋର୍ଡ | ୪୩-୪୫ |
| ୧୦. | ରାଜ୍ୟ ଅତିଥି ଭବନ | ୪୬-୫୨ |
| ୧୧. | ଅଭିଯୋଜନ ନିର୍ଦ୍ଦେଶାଳୟ | ୫୩-୫୪ |
| ୧୨. | ଓଡ଼ିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ | ୫୫-୫୬ |

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ :୨୦୨୨-୨୦୨୩

**ଉପକ୍ରମଣିକା:**

ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଆରକ୍ଷୀ ଶାସନର ମୂଳାଧାର । ଏହି ବିଭାଗ ଆଇନ ଶୃଙ୍ଖଳା, ଅପରାଧ ପ୍ରତିରୋଧ ଓ ନିୟନ୍ତ୍ରଣ, ଦଣ୍ଡ ଅଭିଯୋଜନ, ଅଗ୍ନିଶମ ସେବା ଏବଂ କାରାଗାର ଇତ୍ୟାଦିର ନିୟନ୍ତ୍ରଣ କରିଥାଏ । ରାଜ୍ୟ ସଚିବାଳୟ ସେବା ଏହି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ସଚିବାଳୟର ଏ.ଏସ.ଓ., ଟାଇପିଷ୍ଟ, କ୍ଷିପ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ଓ ଓଡିଶା ସଚିବାଳୟ ସେବାର ସାଧାରଣ କ୍ୟାଡର ଏହି ବିଭାଗଦ୍ୱାରା ନିୟନ୍ତ୍ରିତ ହୁଏ । ଏହାଛଡା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସଂସ୍ଥା ଗୁଡିକୁ ଏହି ବିଭାଗ ଦେଖାଶୁଣା କରିଥାଏ । ସଂସଦୀୟ ଓ ରାଜ୍ୟ ବିଧାନସଭା ନିର୍ବାଚନ ଏହି ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ । ଏହା ସାମରିକ ସେବା ଓ ବେସାମରିକ ସହଯୋଗ ଏବଂ ସାମରିକ ପ୍ରକଳ୍ପ ପ୍ରତିଷ୍ଠାରେ ଯୋଗସୂତ୍ର ରଖିଥାଏ । ରାଜ୍ୟ-ଅତିଥି ମାନଙ୍କର ସମୁଚିତ ମାନ୍ୟତା ପ୍ରଦାନ ସହ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନ, ନୂଆଦିଲ୍ଲୀସ୍ଥିତ ଓଡିଶା ନିବାସ, ଓଡିଶା ସଦନ ଓ ଓଡିଶା ଭବନ, କୋଲକାତାର ଉତ୍କଳ ଭବନ, ମୁମ୍ବାଇର ଭାସିସ୍ଥିତ ଓଡ଼ିଶା ଭବନ ତଥା ଚେନ୍ନାଇସ୍ଥିତ ଓଡିଶା ଭବନ ଏହି ବିଭାଗଦ୍ୱାରା ପରିଚାଳିତ ହୋଇଥାଏ ।

# ପ୍ରଥମ ଅଧ୍ୟାୟ

## ୧.୧ ସାଧାରଣ ଆଇନ ଶୃଙ୍ଖଳା

୨୦୨୨ ମସିହାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା ।

### ରାଜନୈତିକ କାର୍ଯ୍ୟକଳାପ

୨୦୨୨ ମସିହାରେ ସମସ୍ତ ରାଜନୈତିକ ଦଳ, କର୍ମୀ ସମ୍ମିଳନୀ, ସାଧାରଣ ସଭା, ଜନସମ୍ପର୍କ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସମର୍ଥନ ହାସଲ କରିବା ପାଇଁ ଚେଷ୍ଟା କରିଥିଲେ। ଏହା ଛଡା ବିରୋଧୀ ରାଜନୈତିକ ଦଳ ଓ ସେମାନଙ୍କର ସାମ୍ମୁଖ୍ୟ ସଙ୍ଗଠନମାନେ କେତେକ ସ୍ଥାନୀୟ ସମସ୍ୟାକୁ ନେଇ ଆନ୍ଦୋଳନ କରିଥିଲେ । ପ୍ରଶାସନ ଓ ପୁଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ ସମସ୍ୟା ସୂଚାରୁ ରୂପେ ନିୟନ୍ତ୍ରିତ ହୋଇଥିଲା ।

ଏତଦ୍‌ବ୍ୟତୀତ, ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ରାଜ୍ୟରେ ପାଞ୍ଚୋଟି ପର୍ଯ୍ୟାୟରେ ଯଥାକ୍ରମେ ୨୦୨୨ ଫେବୃଆରୀ ୧୬, ୧୮, ୨୦, ୨୨ ଏବଂ ୨୪ ତାରିଖରେ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

ରାଜ୍ୟର ୧୦୯ ଗୋଟି ପୌର ପରିଷଦରେ ତା ୨୪.୦୩.୨୦୨୨ ରିଖରେ ପୌର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ଡେପୁଟି ମେୟର ଓ ଉପ ପୌରାଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ୨୦୨୨ ଏପ୍ରିଲ ୭,୮, ଏବଂ ୯ ତାରିଖରେ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

ବ୍ଲକ ଅଧ୍ୟକ୍ଷ ପଦବୀ ନିମନ୍ତେ ତା ୧୨.୦୩.୨୦୨୨ ରିଖରେ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ନିମନ୍ତେ ତା ୧୩.୦୩.୨୦୨୨ ରିଖରେ, ବ୍ଲକ୍ ଉପାଧ୍ୟକ୍ଷ ତା ୨୩.୦୩.୨୦୨୨ ରିଖରେ ଏବଂ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପଦବୀ ନିମନ୍ତେ ତା ୨୫.୦୩.୨୦୨୨ ରିଖରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଗତ ତା ୩୧.୦୫.୨୦୨୨ ରିଖରେ ଝାରସୁଗୁଡା ଜିଲ୍ଲାର ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଉପ ନିର୍ବାଚନ, ତା ୦୩.୧୧.୨୦୨୨ ରିଖରେ ଭଦ୍ରକ ଜିଲ୍ଲାର ୪୬-ଧାମନଗର ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ଏବଂ ତା ୦୫.୧୨.୨୦୨୨ ରିଖରେ ବରଗଡ ଜିଲ୍ଲାର ୦୧-ପଦମପୁର ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ପୁଲିସର ସୁବନ୍ଦୋବସ୍ତ ଫଳରେ ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇଥିଲା।

### ସାମ୍ପ୍ରଦାୟିକ ପରିସ୍ଥିତି

୨୦୨୨ ମସିହାରେ ରାଜ୍ୟରେ ସାମ୍ପ୍ରଦାୟିକ କାର୍ଯ୍ୟକଳାପ ମୋଟାମୋଟି ଭାବରେ ଶାନ୍ତିପୂର୍ଣ୍ଣ ରହିଥିଲା। ରାଜ୍ୟରେ ସମସ୍ତ ସମ୍ପ୍ରଦାୟର ମୁଖ୍ୟ ପର୍ବପର୍ବାଣୀ ଓ ମେଳା ମହୋତ୍ସବ ଗୁଡିକ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜି, ଆନନ୍ଦ, ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିଲା। ୨୦୨୨ ମସିହାରେ ୩୩ ଥର ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ବିଦ୍ୱେଷ ଦେଖାଦେଇଥିବା ବେଳେ ୫ ଥର

ହିନ୍ଦୁ-ଖ୍ରୀଷ୍ଟିୟାନ ବିଦ୍ୱେଷ ଦେଖାଦେଇଥିଲା । ସ୍ଥାନୀୟ ପୁଲିସ ଓ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମୟୋଚିତ ପଦକ୍ଷେପ ଯୋଗୁଁ କୌଣସି ସାମୟିକ ଉତ୍ତେଜନା କିମ୍ବା ବଡଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିନଥିଲା ।ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା ପାଇଁ ସରକାର ଏକ "ରାଜ୍ୟସ୍ତରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ସମନ୍ୱୟ ସମିତି" ଗଠନ କରି ରାଜ୍ୟର ସାମ୍ପ୍ରଦାୟିକ ସ୍ଥିତିକୁ ସମୀକ୍ଷା କରିବା ସହିତ ଏହି ସମିତିର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯାଉଛି। ସାମ୍ପ୍ରଦାୟିକ ଉତ୍ତେଜନାର ନିରାକରଣ ତଥା ନିୟନ୍ତ୍ରଣ ଏବଂ ସଦ୍‌ଭାବନା ବଜାୟ ରଖିବା ପାଇଁ ଏକ କାର୍ଯ୍ୟ ବିଧି ସଂହିତା ପ୍ରଣୟନ କରାଯାଇ ସମସ୍ତ ସମ୍ପୃକ୍ତ ପ୍ରାଧିକାରୀମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ପ୍ରେରଣ କରାଯାଇଛି।

**ଶିଳ୍ପ ବାତାବରଣ**

ଦ୍ରୁତ ଶିଳ୍ପାୟନ ଦ୍ୱାରା ରାଜ୍ୟର ଭିତ୍ତି ଭୂମିର ଉନ୍ନତି କରିବା ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ ଅଛନ୍ତି। ରାଜ୍ୟରେ ପ୍ରଚୁର କଞ୍ଚାମାଲ ମିଳିବା ସହିତ ଅତି ଉନ୍ନତ ଭିତ୍ତିଭୂମିର ସୁବିଧା ହେତୁ ବଡ ବଡ ଶିଳ୍ପପତିମାନେ ରାଜ୍ୟରେ ସେମାନଙ୍କର କାରଖାନା ବସାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ପରନ୍ତୁ, ବିରୋଧୀ ରାଜନୈତିକ ଦଳମାନେ ନିଜର ରାଜନୈତିକ ଫାଇଦା ପାଇଁ ଶିଳ୍ପ ବିରୋଧୀ ଗୋଷ୍ଠୀଙ୍କ ସହିତ ଜମିହରାଙ୍କ ଦ୍ୱାରା ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜମି ଅଧିଗ୍ରହଣ, ପୁନର୍ବାସ, କ୍ଷତିପୂରଣ ପ୍ରଦାନ, ନିଯୁକ୍ତି ସୁବିଧା, ପାରିପାର୍ଶ୍ୱିକ ଉନ୍ନତି, ଚାଷ, ପରିବେଶ ପ୍ରଦୂଷଣ ଇତ୍ୟାଦି ନାଁରେ ଶିଳ୍ପାୟନ ବିରୋଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଚଳାଇ ଆସୁଅଛି। ଏତେସବୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ତଥା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୁଲିସ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଚାରୁରୂପେ ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ରାଜ୍ୟ ସରକାରଙ୍କ ଶିଳ୍ପାୟନକୁ ଆଗେଇ ନେଉଛି।

**ଶ୍ରମ ଓ ସେବା ସମସ୍ୟା**

ଶ୍ରମ ଓ ସେବା ସଙ୍ଗଠନଗୁଡିକ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନଥିଲେ। କିନ୍ତୁ କେତେକ ଶିଳ୍ପାନୁଷ୍ଠାନର କର୍ମଚାରୀ / ଶ୍ରମିକମାନେ ମଜୁରି ବୃଦ୍ଧି, କାରଖାନାର ପୁନଃ ପରିଚାଳନା, ବକେୟା ପାଉଣା ପ୍ରଦାନ, ଠିକା କର୍ମଚାରୀଙ୍କର ବେତନ ସମ୍ପର୍କରେ ପୁନର୍ବିଚାର, କରୋନା ମହାମାରୀରେ ମୃତ କର୍ମଚାରୀମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଇତ୍ୟାଦି ଦାବୀଗୁଡିକ ରାଜ୍ୟ ସରକାରଙ୍କ ଦ୍ୱାରା ସହୃଦୟତାର ସହିତ ବିଚାର କରାଯାଇଥିଲା।

**ଛାତ୍ର ସମସ୍ୟା**

୨୦୨୨ ମସିହାରେ ରାଜ୍ୟବ୍ୟାପୀ କୌଣସି ଛାତ୍ର ଅସନ୍ତୋଷ ଦେଖାଯାଇ ନଥିଲା। କରୋନା ମହାମାରୀ ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷାଦାନ ୨୦୨୧ ମସିହାର ଦ୍ୱିତୀୟ ତ୍ରୟୋମାସିକ ରେ ବହୁଦିନ ଧରି ବନ୍ଦଥିଲେ ମଧ୍ୟ କେତେକ ଛାତ୍ର ସଂଗଠନ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ଫି, ପ୍ରବେଶିକା ଫି ଛାଡ

ଏବଂ ପରୀକ୍ଷାରେ କରାଯାଇଥିବା ମୂଲ୍ୟାଙ୍କନ ବିରୁଦ୍ଧରେ ତଥା ଅନ୍ୟାନ୍ୟ ଦାବୀରେ କେତେକ ସ୍ଥାନରେ ଧାରଣା, ବିକ୍ଷୋଭ ଆଦି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଜରିଆରେ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । କିନ୍ତୁ, ପୋଲିସ ଓ ପ୍ରଶାସନିକ ତତ୍ପରତା ଯୋଗୁଁ ସମସ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସୁଚାରୁରୂପେ ସମାହିତ ହୋଇଥିଲା ।

**ବିବିଧ ସମସ୍ୟା**

ଏହି ବର୍ଷ ବିଭିନ୍ନ ସମୟରେ ଦୃଷ୍ଟିଗୋଚର ହୋଇଥିବା କେତେକ ଆଦିବାସୀ ସଙ୍ଗଠନ ମାନଙ୍କଦ୍ୱାରା ଜଳ, ଜଙ୍ଗଲ ତଥା ଜମିରେ ଆଦିବାସୀଙ୍କ ଅଧିକାର, ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ ଇତ୍ୟାଦିକୁ ନେଇ ଆନ୍ଦୋଳନ, ଦଳିତ/ନାରୀ ସଙ୍ଗଠନମାନଙ୍କ ଦ୍ୱାରା ଦଳିତ ଓ ନାରୀଙ୍କ ଉପରେ ବୃଦ୍ଧିପାଉଥିବା ଅତ୍ୟାଚାରକୁ ନେଇ ଆନ୍ଦୋଳନ, ବିଭିନ୍ନ ସ୍ୱେଚ୍ଛାସେବୀ ତଥା ନାରୀସଙ୍ଗଠନ ଦ୍ୱାରା ଅବୈଧ ମଦ ବ୍ୟବସାୟ ଅଞ୍ଚଳକୁ ମଦମୁକ୍ତ କରିବାକୁ ନେଇ ଆନ୍ଦୋଳନ, ବିଭିନ୍ନ କୃଷକ ସଙ୍ଗଠନ ଓ ମୁଖ୍ୟତଃ ନବନିର୍ମାଣ କୃଷକ ସଙ୍ଗଠନ ଦ୍ୱାରା ମୂଲ୍ୟ, ପେନସନ ଓ ସମ୍ମାନ ତଥା ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଦ୍ୱାରା କୃଷିଋଣ ଛାଡ, କୃଷକଙ୍କଠାରୁ ଧାନକ୍ରୟ, କୃଷିଜାତଦ୍ରବ୍ୟ ହାନି ତଥା ଚାଷୀ ଆତ୍ମହତ୍ୟା ଜନିତ କ୍ଷତିପୂରଣ ଇତ୍ୟାଦିକୁ ନେଇ ଆନ୍ଦୋଳନ, ବିଭିନ୍ନ ଆଇନଜୀବୀ ସଂଘ ଦ୍ୱାରା ନିଜନିଜ ଅଞ୍ଚଳରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ନେଇ ଆନ୍ଦୋଳନ, "ସୁନ୍ଦରଗଡ ଜିଲ୍ଲା ଆଦିବାସୀ ମୂଳବାସୀ ବଚାଓ ମଞ୍ଚ" ଦ୍ୱାରା ବିଭିନ୍ନ ସମସ୍ୟାକୁ ନେଇ କରାଯାଇଥିବା ଆନ୍ଦୋଳନ, ଜମା ରାଶିକୁ ତୁରନ୍ତ ଜମାକାରୀଙ୍କୁ ଫେରସ୍ତ କରିବା ଦାବୀରେ "ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ" ଦ୍ୱାରା ଆନ୍ଦୋଳନ, ରାଜ୍ୟରେ କେତେକ ସ୍ଥାନକୁ ଉପଖଣ୍ଡର ମାନ୍ୟତା ଘୋଷଣା ନେଇ ତଥା ନୂତନ ଏନ.ଏ.ସି ଆଦି ଗଠନ ନେଇ ଦେଖାଦେଇଥିବା ଆନ୍ଦୋଳନ, ଓ ଅନ୍ୟାନ୍ୟ ଘଟଣା ଯାହାକି ବିଭିନ୍ନ ସମୟରେ ପ୍ରକାଶ୍ୟ ହୋଇଛି, ତାହା ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ପ୍ରଶାସନ ଓ ପୁଲିସର ସମୟୋଚିତ ପଦକ୍ଷେପ ଫଳରେ ନିୟନ୍ତ୍ରଣ କରାଯାଇପାରିଛି ।

**ସନ୍ତ୍ରାସବାଦୀ କାର୍ଯ୍ୟକଳାପ:**

୨୦୨୨-୨୩ ବର୍ଷରେ ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଦେଖା ଯାଇନାହିଁ ଏବଂ ଆଗୁଆ ସୂଚନା ଦ୍ୱାରା ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଫଳପ୍ରଦଭାବେ ନିୟନ୍ତ୍ରଣ କରାଯାଇଅଛି । ଏହାଛଡା, ରାଜ୍ୟରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ସମସ୍ତ ଜିଲ୍ଲା ଏସ୍.ପି.ମାନଙ୍କୁ ସମୟ ସମୟରେ ବିଭିନ୍ନ ପରାମର୍ଶ ଓ ସତର୍କ ବାର୍ତ୍ତା ମାଧ୍ୟମରେ ଅବଗତ କରାଯାଇଅଛି ।

**ଓଡିଶାରେ ବାମପନ୍ଥୀ ଉଗ୍ରବାଦ:**

୨୦୨୨ ବର୍ଷରେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପ ଜନିତ ସାମଗ୍ରିକ ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା । ଉକ୍ତ ସମୟ ମଧ୍ୟରେ ରାଜ୍ୟରେ ମୋଟ ୨୭ଟି ମାଓବାଦୀ ଘଟଣା ଘଟିଅଛି, ତନ୍ମଧ୍ୟରେ ପୁଲିସ ପ୍ରଚେଷ୍ଟାରେ ୧୨ଟି ଗୁଳି ବିନିମୟ ଘଟଣା ଅର୍ନ୍ତଭୁକ୍ତ

ଅଟେ। ଉକ୍ତ ଘଟଣାରେ ୩ ଜଣ ସୁରକ୍ଷାକର୍ମୀ ଏବଂ ୮ ଜଣ ସାଧାରଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା । ଅପର ପକ୍ଷରେ, ଉକ୍ତ ବର୍ଷରେ ସୁରକ୍ଷାବଳଙ୍କ କାର୍ଯ୍ୟାନୁଷ୍ଠାନରେ ୭ଜଣ ସି.ପି.ଆଇ(ମାଓବାଦୀ) କ୍ୟାଡରଙ୍କ ମୃତ୍ୟୁ ଘଟିଥିବା ସ୍ଥଳେ ୧୨ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିଲା ଏବଂ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଏତଦ୍‌ବ୍ୟତୀତ, ନକ୍ସଲ ଦମନ ଅଭିଯାନରେ ମୋଟ ୨୯ଟି ବନ୍ଧୁକ, ୮୭ଟି ଉନ୍ନତ ବିସ୍ଫୋରକ ଏବଂ ବହୁପରିମାଣର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହିତ ଅନେକ ନକ୍ସଲ ଶିବିର/ ଗୋପନ ଆଶ୍ରୟସ୍ଥଳୀ/ ଗୋପନ ଆଡ୍ଡାକୁ ନଷ୍ଟ କରାଯାଇଥିଲା ।

ସୁରକ୍ଷାବଳଙ୍କର ନିରନ୍ତର ଅପରେସନ, ଏରିଆ ଡୋମିନେସନ ଏବଂ ବିକାଶମୂଳକ କାର୍ଯ୍ୟ ଯୋଗୁଁ, ମାଲକାନାଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳକୁ, ଯାହାକି ଏକଦା ସି.ପି.ଆଇ(ମାଓବାଦୀ)ର ଏକ ସୁଦୃଢ଼ ଗଡ଼ ଥିଲା, ମାଓବାଦୀ କାର୍ଯ୍ୟକଳାପ ମୁକ୍ତ କରାଯାଇ ପାରିଥିଲା । ଏହି ଅଞ୍ଚଳରେ ଆରମ୍ଭ କରାଯାଇଥିବା "ଅପରେସନ ଘର ୱାପସୀ" ଅଭିଯାନରେ ୩୦୦୦ରୁ ଅଧିକ ସକ୍ରିୟ ମାଓବାଦୀ ମିଲିସିଆ ଓ ସମର୍ଥକ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ ।

ସରକାରଙ୍କ ନକ୍ସଲ ଦମନ ନୀତି/ କାର୍ଯ୍ୟଯୋଜନା ମୁଖ୍ୟତଃ ନକ୍ସଲ ବିରୋଧି ଗୁଇନ୍ଦା ତଥ୍ୟଭିତ୍ତିକ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ, ପ୍ରଭାବିତ ଅଞ୍ଚଳରେ ବିସ୍ତୃତ ଏରିଆ ଡୋମିନେସନ ଅପରେସନ ଏବଂ ସୁରକ୍ଷାବଳଙ୍କ କୌଶଳାତ୍ମକ ପୁନଃ ମୁତୟନ ଦ୍ୱାରା ଅବଶିଷ୍ଟ ସକ୍ରିୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ଦମନ ଏବଂ ଅବଶିଷ୍ଟ ନକ୍ସଲ ପ୍ରଭାବିତ ଅଞ୍ଚଳକୁ ମୁକ୍ତ କରିବା ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ ଅଟେ। ଏତଦ୍‌ ବ୍ୟତୀତ, " ଆତ୍ମସମର୍ପଣ ଏବଂ ପୁନର୍ବାସ ଯୋଜନା " ଏବଂ ଧାରଣା ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ପ୍ରାଥମିକତା ଦିଆଯାଉଅଛି ।

## ୧.୨ ଅପରାଧ ଜନିତ ପରିସ୍ଥିତି

୨୦୨୨ ମସିହାରେ ରାଜ୍ୟରେ ରୁଜୁ ହୋଇଥିବା ମୋଟ ୧,୬୮,୧୯୦ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧୩୭୯ଟି ହତ୍ୟା , ୬୨୬ ଗୋଟି ଡକାୟତି, ୨୯୯୮ ଟି ଲୁଣ୍ଠନ , ୫୪୬୭ ଟି ସିନ୍ଧିଚୋରି, ୧୪୮୯୩ ଟି ଚୋରି, ୫୩୫୨ ଟି ପ୍ରତାରଣା , ୨୨୪୮ ଟି ଦଙ୍ଗା , ୩୧୮୪ ଟି ଦୁଷ୍କର୍ମ , ୧୧୬୬୩ ଟି ମୋଟରଯାନ ଦୁର୍ଘଟଣା, ୧୩୦୩୮୦ ଟି ବିବିଧ ମାମଲା ଅନ୍ତର୍ଭୁକ୍ତ ।

**୨୦୨୨ ମସିହାରେ ରାଜ୍ୟ କ୍ରାଇମ୍ ବ୍ରାଞ୍ଚର ସଫଳତାର ଏକ ବିବରଣୀ ।**

### (କ) ମହିଳାଙ୍କ ବିରୁଦ୍ଧରେ ଅପରାଧ

ମହିଳା ମାନଙ୍କ ବିରୁଦ୍ଧରେ ଘଟୁଥିବା ଚାଞ୍ଚଲ୍ୟକର ଅପରାଧ ଗୁଡ଼ିକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ, ଏହାକୁ Red Flag କେଶ୍ ଭାବେ ପରିଗଣିତ କରାଯାଇଅଛି। ୨୦୨୨ ମସିହାରେ ସର୍ବମୋଟ ୨୧୦ ଗୋଟି ମାମଲାକୁ "Red Flag" ର ପର୍ଯ୍ୟାୟଭୁକ୍ତ କରାଯାଇଛି । ଏହି ମାମଲାଗୁଡ଼ିକର ତଦନ୍ତ ଶେଷ ହେବା ପରେ ପ୍ରତ୍ୟେକ ମାମଲା ପାଇଁ ସ୍ପେଶାଲ ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କୁ ନିଯୁକ୍ତ କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଫଳପ୍ରଦ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରାଯାଇପାରୁଛି। ଫଳସ୍ୱରୁପ,୨୦୨୨ ମସିହାରେ ଏହି ମାମଲାଗୁଡିକର ଦଣ୍ଡାଦେଶ ହାର ଶତକଡା ୩୭.୦୩% ଅଟେ।

## (ଖ) IAHTU-(Anti Human Trafficking Units)

ମହିଳା ଓ ଶିଶୁ ଗ୍ଲାଣ ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ଅନୁଧ୍ୟାନ କରି ସେମାନଙ୍କର ଉଦ୍ଧାର ଓ ଥଇଥାନ ନିମନ୍ତେ ସାରା ରାଜ୍ୟରେ ୩୭ ଗୋଟି ମାନବ ଗ୍ଲାଣ ସମନ୍ୱିତ ଶାଖା ଖୋଲାଯାଇଅଛି। ସମୟାନୁକ୍ରମେ ଅପରେସନ୍ ସ୍ମାଇଲ୍, ଅପରେସନ ମୁସ୍କାନ, ଅପରେସନ ପରୀ ଏବଂ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ନିଖୋଜ ଶିଶୁ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ଥଇଥାନ କରାଯାଉଅଛି। ଶିଶୁ କନ୍ୟାଙ୍କ ଉପରେ ହେଉଥିବା ବିଭିନ୍ନ ପ୍ରକାରର ଯୌନ ନିର୍ଯ୍ୟାତନାକୁ ରୋକିବା ପାଇଁ ରାଜ୍ୟ ବ୍ୟାପୀ ଏକ ସଚେତନତା ଅଭିଯାନ **'ପରୀ ପାଇଁ କଥାଟିଏ'** ଆୟୋଜନ କରାଯାଇଥିଲା।

## (ଗ) ସାଇବର ଥାନା:-

୨୦୨୨ ମସିହାରେ ସର୍ବମୋଟ ୧୮ ଗୋଟି ସାଇବର ମାମଲା (ସି.ଆଇ.ଡି. ସିବି, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସାଇବର ଥାନାରେ) ରୁଜୁ କରାଯାଇ ୨୯ ଜଣ ଅପରାଧୀଙ୍କୁ ଗିରଫ କରାଯାଇଅଛି। ଉପରୋକ୍ତ ମାମଲାଗୁଡିକରେ ସର୍ବମୋଟ ଟ.୨୬,୦୦,୦୦୦/- ଙ୍କା ଜବତ କରାଯାଇଅଛି ଏବଂ ଟ.୧,୮୩,୬୩,୮୪୦/- ଙ୍କା ସାଇବର ହେଲ୍ପ ଡେସ୍କ ମାଧ୍ୟମରେ ଫେରସ୍ତ / ଧାରଣ କରାଯାଇଛି।

ଏତଦ୍ ବ୍ୟତୀତ ୨୦୨୨ ମସିହାରେ (ନଭେମ୍ବର ୨୦୨୨ ପର୍ଯ୍ୟନ୍ତ) ରାଜ୍ୟରେ ୧୯୮୩ ଗୋଟି ସାଇବର ଅପରାଧ ମାମଲା ପଞ୍ଜିକୃତ ହୋଇଅଛି। ଉପରୋକ୍ତ ମାମାଲାଗୁଡିକରେ ୪୧୧ ଜଣ ଅପରାଧୀଙ୍କୁ ଗିରଫ କରାଯିବା ସହ ଟ.୯୬୩୦୫୮୨/- ଙ୍କା ଜବତ କରାଯାଇଅଛି।

## (ଘ) ଅର୍ଥନୈତିକ ଅପରାଧ ଶାଖା:-

୨୦୨୨ ମସିହାରେ ଅର୍ଥନୈତିକ ଅପରାଧ ଶାଖା, ଭୁବନେଶ୍ୱରରେ ସର୍ବମୋଟ ୨୨ ଗୋଟି ମାମଲା ରୁଜୁ କରାଯାଇ, ୬୨ ଜଣ ଅପରାଧୀଙ୍କୁ ଗିରଫ କରାଯାଇଅଛି। ଏହାଛଡା, ବିଭିନ୍ନ ଠକ ସଂସ୍ଥା ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଅଛି।

## (ଙ) ସ୍ପେଶାଲ ଟାସ୍କ ଫୋର୍ସ:-

୨୦୨୨ ମସିହାରେ ସ୍ପେଶାଲ ଟାସ୍କ ଫୋର୍ସ ୭୫ଟି ଏନ୍.ଡି.ପି.ଏସ୍. ମାମଲା ପଞ୍ଜୀକୃତ କରି ୧୩୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଅଛି।

## (ଚ) ରାଜ୍ୟରେ ମାଦକ ଦ୍ରବ୍ୟର ଦୃଶ୍ୟ ଲେଖ

୨୦୨୨ ମସିହାରେ ରାଜ୍ୟରେ ୧୧୭୨ କ୍ୱିଣ୍ଟାଲ ୮୯ କି.ଗ୍ରା. ୧୫୦ ଗ୍ରାମ୍ ୧୮ ମି.ଗ୍ରା. ଗଞ୍ଜେଇ ଏବଂ ୫୦ କି.ଗ୍ରା. ୨୩୭ ଗ୍ରାମ୍ ୨୪୮ ମି.ଗ୍ରା. ବ୍ରାଉନସୁଗାର ଜବତ କରାଯାଇଛି।

ଉପରୋକ୍ତ ସମୟସୀମା ମଧ୍ୟରେ, ଏନ୍.ଡି.ପି.ଏସ୍. ମାମଲା ଗୁଡିକରେ ସର୍ବମୋଟ ୧୮୯୨ ଗୋଟି ମାମଲା ପଞ୍ଜିକୃତ ହୋଇଥିବା ସ୍ଥଳେ ୨୬୦୩ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି।

## ୧.୩ ପୋଲିସ ବାହିନୀର ଆଧୁନିକୀକରଣ

ପୋଲିସ ବିଭାଗର ବିଭିନ୍ନ ସଂସ୍ଥା ନିମନ୍ତେ ଆଧୁନିକୀକରଣ ଯୋଜନାରେ ୨୦୦୦-୦୧ ରୁ ୨୦୨୧-୨୨ ମସିହା ମଧ୍ୟରେ ୧୦୨୭.୧୭ କୋଟି ଟଙ୍କା ଅନୁଦାନ ମିଳିଅଛି । ତନ୍ମଧ୍ୟରୁ ୧୦୧୨.୧୫ କୋଟି ଟଙ୍କା (ପ୍ରାୟ୍ ୯୮.୫୪%) ବ୍ୟୟ କରାଯାଇଛି ।

ପୋଲିସ ଆଧୁନିକୀକରଣ ଯୋଜନାରେ ମିଳିଥିବା ଅନୁଦାନକୁ ରାଜ୍ୟ ଆରକ୍ଷୀ ବାହିନୀର ଯାନବାହାନ କ୍ରୟ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର , ଅତ୍ୟାଧୁନିକ ଯୋଗାଯୋଗ ସାମଗ୍ରୀ, ଅତ୍ୟାଧୁନିକ ତାଲିମ୍ ସାମଗ୍ରୀ, ସାଇବର ଅପରାଧ ତଦନ୍ତ ବିଭାଗର ମାନବୃଦ୍ଧି ନିମନ୍ତେ ଅତ୍ୟାଧୁନିକ ତାଲିମ ସାମଗ୍ରୀ, ମୋବାଇଲ୍ ଫୋରେନ୍ସିକ ୟୁନିଟ୍, ବିସ୍ଫୋରକ-ତଥା-ନିଦ୍ରାକାରକ ସୂଚକ, ଅତ୍ୟାଧୁନିକ ବମ୍ ଡିସ୍ପୋଜାଲ ୟୁନିଟ, ଟ୍ରାଫିକ ପୋଲିସ୍ ପାଇଁ ନାଇଟ ଭିଜନ ଉପକରଣ, ସି.ସି.ଟି.ଭି. ବେସଡ୍ ସିଟି ସର୍ଭିଲାନସ୍ ସିଷ୍ଟମ ଆଦିର କ୍ରୟ ସମେତ ଆରକ୍ଷୀ ବାସଗୃହ ଏବଂ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଉପଯୋଗ କରାଯାଇଅଛି ।

କେନ୍ଦ୍ର ସରକାର ଆଧୁନିକୀକରଣ ଯୋଜନାରେ ୨୩.୧୮ କୋଟି ଟଙ୍କା ୨୦୨୨-୨୩ ମସିହା ପାଇଁ ରାଜ୍ୟକୁ ଅନୁଦାନ ଯୋଗାଇ ଦେଇଛନ୍ତି । ଏହାର ବିଶଦ ବିବରଣୀ ନିମ୍ନମତେ ପ୍ରଦତ୍ତ କରାଗଲା ।

| କ୍ର.ନଂ | ଉପାଦାନ | ଅନୁଦାନ (ଲକ୍ଷରେ) | | |
|---|---|---|---|---|
| | | | ରାଜ୍ୟ ଅନୁଦାନ | ସମୁଦାୟ |
| ୧. | ଯୋଗାଯୋଗ ସାମଗ୍ରୀ | ୧୮୦.୦୦ | ୨୪୯.୦୨ | ୪୨୯.୦୨ |
| ୨. | ଫରେନ୍ସିକ୍ ସାମଗ୍ରୀ | ୮.୦୦ | ୬୩.୦୦ | ୭୧.୦୦ |
| ୩. | ଗୁଇନ୍ଦା ବିଭାଗ ସାମଗ୍ରୀ | ୩୩.୧୦ | ୩୬.୦୭ | ୬୯.୧୭ |
| ୪. | ପ୍ରଶିକ୍ଷଣ ସାମଗ୍ରୀ | ୧୯୪.୫୫ | ୪୦.୩୨ | ୨୩୪.୮୭ |
| ୫. | ସ୍ମାର୍ଟ ପୋଲିସିଂ ଟେକ୍ନୋଲୋଜିର ମାନ ବୃଦ୍ଧି | ୧୦୫.୫୦ | ୩୭୩.୩୫ | ୪୭୮.୮୫ |
| ୬. | ସୁରକ୍ଷା ଏବଂ ଅନ୍ୟାନ୍ୟ ସାମଗ୍ରୀ | ୪୦୦.୮୫ | ୧୩୫.୨୫ | ୫୩୬.୧୦ |
| ୭. | ଯାନ ବାହନ | ୪୨୩.୦୦ | ୦.୦୦ | ୪୨୩.୦୦ |
| ୮. | ସାଇବର ପୋଲିସିଂ ସାମଗ୍ରୀ | ୪୬.୦୦ | ୩୦.୦୦ | ୭୬.୦୦ |
| | **ମୋଟ** | **୧୩୯୧.୦୦** | **୯୨୭.୦୧** | **୨୩୧୮.୦୧** |

## ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥା (ERSS)

ଅପରାଧ ଓ ଜରୁରୀ ସମୟରେ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ସରକାର Emergency Response Support System (ERSS) କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ଗୋଟିଏ ଏକକ ଟୋଲଫ୍ରି ନମ୍ବର " ୧୧୨ " ଦ୍ଵାରା ପୋଲିସ ସେବା, ଅଗ୍ନିଶମ ସେବା, ଆମ୍ବୁଲାନସ ସେବା, ମହିଳା ଓ ଶିଶୁ ସହାୟତା ଇତ୍ୟାଦି ଜରୁରୀ କାଳୀନ ସେବାକୁ ଉପଲବ୍ଧ କରାଯାଉଅଛି ।

ଏହି ଉଦ୍ଦେଶ୍ୟରେ ଭାରତ ସରକାର, ଗୃହ ମନ୍ତ୍ରଣାଳୟ (MHA) ୧୦.୦୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ରାଜ୍ୟସରକାର ଦୁଇଟି ପର୍ଯ୍ୟାୟରେ (ଯଥା: ୨୦୧୯-୨୦ ଏବଂ ୨୦୨୦-୨୧) ୧୫୭.୧୨ କୋଟି ବ୍ୟୟରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛନ୍ତି। ପୁନଶ୍ଚ, ଏହି ପ୍ରକଳ୍ପକୁ ଅଧିକ ୪ ବର୍ଷ ଯଥା: ୨୦୨୧-୨୨ ରୁ ୨୦୨୪-୨୫ ମସିହା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ନିମନ୍ତେ ସରକାର ପୋଲିସ ବିଭାଗ ପାଇଁ ୨୪୬.୬୯ କୋଟି ଟଙ୍କା ଅନୁମୋଦନ ପ୍ରଦାନ କରିଛନ୍ତି ।

ପ୍ରଥମ ପର୍ଯ୍ୟାୟ - ଜିଲ୍ଲା ସଦରମହକୁମା
ଦ୍ଵିତୀୟ ପର୍ଯ୍ୟାୟ - ସହରାଞ୍ଚଳ ପୋଲିସ କେନ୍ଦ୍ର

ରାଜ୍ୟ ଜରୁରୀକାଳୀନ ମୁକାବିଲାକେନ୍ଦ୍ର (SERC), ୬୦ ଜଣ ଷ୍ଟେସନ କଲ ରେକର୍ଡ ମ୍ୟାନେଜର (CRM)ଏବଂ ୨୦ ଜଣ ଷ୍ଟେସନ କଲଡିସପାଚରଙ୍କୁ ନେଇ IDCO ଟାୱାରର ଦ୍ଵିତୀୟ ମହଲା, ମଞ୍ଚେଶ୍ଵର, ଭୁବନେଶ୍ଵରରେ ସ୍ଥାପନ କରାଯାଇଛି । ଅଧିକନ୍ତୁ, ଜିଲ୍ଲା ସଦର ମହକୁମାରେ ୩୪ ଟି ଜିଲ୍ଲା ସମନ୍ଵୟ କେନ୍ଦ୍ର (DCC) ପ୍ରତିଷ୍ଠା କରାଯାଇଛି ।

ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୯୮ ଟି ବିଭିନ୍ନ ପଦବୀ ଯଥା: ୪ଟି ଡି.ଏସ.ପି., ୧୫୧ ଟି ସବ୍-ଇନସ୍ପେକ୍ଟର, ୨୦୩ ଟି ଆସିଷ୍ଟାଣ୍ଟ ସବ୍-ଇନସ୍ପେକ୍ଟର ଏବଂ ୭୪୦ ଟି କନେଷ୍ଟବଲ ପଦବୀ ରାଜ୍ୟ ସରକାରଙ୍କ ଦ୍ଵାରା ସୃଷ୍ଟି କରାଯାଇଛି । ଉକ୍ତ ସେବାଗୁଡିକର ସଠିକ କାର୍ଯ୍ୟକାରିତା ପାଇଁ ୧୯୮ ଟି କଲଟେର୍କସ ପଦବୀ ସୃଷ୍ଟି କରାଯାଇଛି ।

ଏତଦ୍ ବ୍ୟତୀତ ରାଜ୍ୟର ସମସ୍ତ ସହରାଞ୍ଚଳ ପୋଲିସ କେନ୍ଦ୍ର ପାଇଁ ୧୨୪୩ ଟି ବିଭିନ୍ନ ପଦବୀ ଯଥା:୧୮୧ ଟି ସବ୍-ଇନସ୍ପେକଟର, ୨୪୪ ଟି ଆସିଷ୍ଟାଣ୍ଟ ସବ-ଇନସ୍ପେକଟର ଏବଂ ୮୧୮ ଟି କନେଷ୍ଟବଲ ପଦବୀ ସୃଷ୍ଟି କରିବାକୁ ରାଜ୍ୟସରକାର ସ୍ଵୀକୃତି ପ୍ରଦାନ କରିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ୧୦୬ଟି ଗାଡିକୁ ଡ୍ରାଇଭର ସହିତ ଭଡାରେ ନିୟୋଜିତ କରାଯାଇଛି। ଦ୍ଵିତୀୟ ପର୍ଯ୍ୟାୟରେ ୧୩୦ ଟି ଗାଡିକୁ ଡ୍ରାଇଭର ସହିତ ଭଡାରେ ନିୟୋଜିତ ପାଇଁ ସରକାର ଅନୁମତି ଦେଇଛନ୍ତି। ଏତଦ୍ ବ୍ୟତୀତ ୧୫୮ଟି PCR ଗାଡି ERSS କାର୍ଯ୍ୟରେ ବ୍ୟବହାର କରାଯାଉଅଛି । ଦାନ ସୂତ୍ରରେ ମିଳିଥିବା ୨୮ଟି ଗାଡିକୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ୯୫ ଟି ଅତିରିକ୍ତ ଗାଡି ସହିତ ଡ୍ରାଇଭର ନିୟୋଜିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଅଛି।

## ନୂତନ ପ୍ରତିଷ୍ଠିତ ପୋଲିସ ଥାନା

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୂଚାରୁ ରୂପେ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ୩୬ ଗୋଟି ନୂତନ ଥାନା ପ୍ରତିଷ୍ଠା ପାଇଁ ୨୦୨୨ ମସିହାରେ ମଞ୍ଜୁର କରିଛନ୍ତି । ଯଥା: (୧) ବରଗଡ ଗ୍ରାମାଞ୍ଚଳ ପୋଲିସ ଥାନା,ବରଗଡ ଜିଲ୍ଲା (୨) ୦୨ ପୋଲିସ ଥାନା ଯଥା- ଲକ୍ଷ୍ମୀଯୋର ଏବଂ ଆଗଲପୁର,ବଲାଙ୍ଗିର ଜିଲ୍ଲା (୩) ୦୩ ପୋଲିସ ଥାନା ଯଥା-ଅଳକୁଣ୍ଡ,ବ୍ରହ୍ମବରଦା ଏବଂ ଦଶରଥପୁର,ଯାଜପୁର ଜିଲ୍ଲା (୪) ୦୨ ପୋଲିସ ଥାନା ଯଥା-କଲମପୁର ଏବଂ କର୍ଲାପାଟ,କଳାହାଣ୍ଡି ଜିଲ୍ଲା(୫)୦୨ ପୋଲିସ ଥାନା ଯଥା-ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ଥାନା ଏବଂ କୁଦାନଗରୀ,କେନ୍ଦ୍ରାପଡା ଜିଲ୍ଲା(୬)ମାଲକାନଗିରି ସଦର ପୋଲିସ ଥାନା(କୋରୁକୋଣ୍ଡା), ମାଲକାନାଗିରି ଜିଲ୍ଲା(୭)ଭଞ୍ଜପୁର ପୋଲିସ ଥାନା, ମୟୁରଭଞ୍ଜ ଜିଲ୍ଲା(୮) ୦୨ ପୋଲିସ ଥାନା ଯଥା-ବାଗଡିଆ ଏବଂ ଗୋପାଳ ପ୍ରସାଦ, ଅନୁଗୁଳ ଜିଲ୍ଲା(୯)୦୨ ପୋଲିସ ଥାନା ଯଥା-ଗୋପାଳପୁର ଏବଂ ଅନନ୍ତପୁର, ବାଲେଶ୍ୱର ଜିଲ୍ଲା(୧୦)ନିମଖଣ୍ଡି ପୋଲିସ ଥାନା, ବ୍ରହ୍ମପୁର ଜିଲ୍ଲା(୧୧) ଘଣ୍ଟାପଡା ପୋଲିସ ଥାନା, ବୌଦ୍ଧ ଜିଲ୍ଲା (୧୨) ମୈତ୍ରୀ ବିହାର ପୋଲିସ ଥାନା, ୟୁ.ପି.ଡି., ଭୁବନେଶ୍ୱର(୧୩)୦୩ ପୋଲିସ ଥାନା ଯଥା-ମାଣିଆବନ୍ଧ, ଯୋଡୁମ ଏବଂ ଭଦ୍ରେଶ୍ୱର, କଟକ ଜିଲ୍ଲା(୧୪)ଲାଇମୁରା ପୋଲିସ ଥାନା, ଦେବଗଡ ଜିଲ୍ଲା(୧୫)ମହାବିରୋଡ ପୋଲିସ ଥାନା, ଢେଙ୍କାନାଳ ଜିଲ୍ଲା(୧୬)୦୨ ପୋଲିସ ଥାନା ଯଥା-ବେଗୁନିଆପଡା ଏବଂ କୋଟିନଡା, ଗଞ୍ଜାମ ଜିଲ୍ଲା(୧୭) କୃଷ୍ଣାନନ୍ଦପୁର ପୋଲିସ ଥାନା, ଜଗତସିଂହପୁର ଜିଲ୍ଲା(୧୮)ବିମାନବନ୍ଦର ପୋଲିସ ଥାନା, ଝାରସୁଗୁଡା ଜିଲ୍ଲା(୧୯) ମନୋହରପୁର ପୋଲିସ ଥାନା , କେନ୍ଦୁଝର ଜିଲ୍ଲା(୨୦)ନାରୁଣୀ ପୋଲିସ ଥାନା, ଖୋର୍ଦ୍ଧା ଜିଲ୍ଲା(୨୧) ସୁଙ୍କି ପୋଲିସ ଥାନା, କୋରାପୁଟ ଜିଲ୍ଲା(୨୨)ମୈଦଲପୁର ପୋଲିସ ଥାନା, ନବରଙ୍ଗପୁର ଜିଲ୍ଲା(୨୩)ଚାରିଛକ ପୋଲିସ ଥାନା, ପୁରୀ ଜିଲ୍ଲା(୨୪)ରାମନାଗୁଡା ପୋଲିସ ଥାନା, ରାୟଗଡା ଜିଲ୍ଲା(୨୫)ବରେଇପାଲି ପୋଲିସ ଥାନା, ସମ୍ବଲପୁର(୨୬)ଲଛିପୁର ପୋଲିସ ଥାନା, ସୋନପୁର ଜିଲ୍ଲା ।

## ୧.୪ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର

ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର, ଓଡିଶା, ସମଗ୍ର ଭାରତବର୍ଷର ପୁରାତନ ବିଜ୍ଞାନାଗାରମାନଙ୍କ ମଧ୍ୟରେ ଅନ୍ୟତମ । ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟାରେ ବୈଜ୍ଞାନିକ ପଦ୍ଧତିର ପର୍ଯ୍ୟାପ୍ତ ଉପଯୋଗ ଉଦ୍ଦେଶ୍ୟରେ, ସମୟକ୍ରମେ ଭୁବନେଶ୍ୱରରେ ରାଜ୍ୟ ବିଧି ବିଜ୍ଞାନଗାର ବ୍ୟତୀତ ଏହାର ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱରରେ ୩(ତିନି)ଟି ଆଞ୍ଚଳିକ ବିଧି ବିଜ୍ଞାନଗାର ଓ ୩୬ଟି ଜିଲ୍ଲା ବିଧି ବିଜ୍ଞାନାଗାର ଏହା ସହିତ ସଂଯୋଗ କରାଯାଇଛି। ୩୬ ଜିଲ୍ଲା ବିଧି ବିଜ୍ଞାନାଗାର ମଧ୍ୟରୁ ୨୪ଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି। ଏତଦ୍‌ବ୍ୟତୀତ, ଏହି ବିଜ୍ଞାନାଗାରରେ ୯ ଟି ବିଭାଗ ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଲସୀ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ, ବିଷ ବିଜ୍ଞାନ, DNA ବିଜ୍ଞାନ, ମିଥ୍ୟା ଅନୁସନ୍ଧାନ ଓ ସାଇବର ବିଧି ବିଜ୍ଞାନ ବିଭାଗମାନ କାର୍ଯ୍ୟ କରୁଅଛି ଏବଂ ଆଞ୍ଚଳିକ

ବିଧି ବିଜ୍ଞାନାଗାରରେ ୬ ଟି ବିଭାଗ ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଲସୀ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ ଓ ବିଷ ବିଜ୍ଞାନ ବିଭାଗମାନ କାର୍ଯ୍ୟ କରୁଅଛି ।

ଅପରାଧ ସ୍ଥଳ ପରିଦର୍ଶନ ସହ ନ୍ୟାୟାଳୟମାନଙ୍କୁ ବିଶେଷଜ୍ଞ ରିପୋର୍ଟ ପ୍ରଦାନ କରି ଏହି ବିଜ୍ଞାନାଗାର ବର୍ଷ ବର୍ଷ ଧରି ଏହାର ଦାୟିତ୍ୱ କୃତିତ୍ୱର ସହ ନିର୍ବାହ କରି ଆସୁଛି।

୨୦୨୨ ମସିହା (୩୧.୧୨.୨୦୨୨ ପର୍ଯ୍ୟନ୍ତ) ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରରେ ୭୬୨୬ ଅପରାଧିକ (୯୩୬୯୯ଟି ପରୀକ୍ଷଣ ବସ୍ତୁ) ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଅଛି। ଚଳିତ ବର୍ଷ ୫୨ ଜଣ ବିଜ୍ଞାନାଗାର ସହାୟକ, ଜଣେ ଭିସେରା କଟରଙ୍କ ସହିତ ୨୯ ଜଣ ଆସିଷ୍ଟାଣ୍ଟ ସାଇଣ୍ଟିଫିକ୍ ଅଫିସର ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି । ଏହା ବ୍ୟତୀତ ୨୨ ଜଣ ସାଇଣ୍ଟିଫିକ୍ ଅଫିସର ଓ ୩୫ ଜଣ ସହ ବୈଜ୍ଞାନିକ ଅଧିକାରୀ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି ।

ପୁଲିସ ଅଧିକାରୀ, ନ୍ୟାୟାଧୀଶ ଓ ସରକାରୀ ଓକିଲମାନଙ୍କ ପାଇଁ ଏହି ବିଜ୍ଞାନାଗାର ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛି। ଏଠାରେ କାର୍ଯ୍ୟରତ ବୈଜ୍ଞାନିକମାନେ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଓ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଅନୁଷ୍ଠାନ, ଭୁବନେଶ୍ୱରରେ ଅପରାଧ ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟାରେ ଅପରାଧ ବିଧି ବିଜ୍ଞାନାଗାରର ଗୁରୁତ୍ୱ ସମ୍ବନ୍ଧରେ ତାଲିମ ପ୍ରଦାନ କରୁଛନ୍ତି। ୨୦୨୨ ମସିହାରେ ୧୬ ଜଣ ଅଧିକାରୀ ନୂଆଦିଲ୍ଲୀ ଏବଂ ଚଣ୍ଡିଗଡର "NICFS" ରେ ଅନଲାଇନ ତାଲିମ ନେଇଛନ୍ତି । ଏହା ବ୍ୟତୀତ, ଏହି ନିର୍ଦ୍ଦେଶାଳୟର ଲାଇ ଡିଟେକସନ୍ ଏବଂ ସାଇବର ଫରେନସିକ୍ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଝାଡଖଣ୍ଡ DFS ୯ ଜଣ ଅଧିକାରୀଙ୍କୁ ୪ ସପ୍ତାହ ତାଲିମ ଦିଆଯାଇଛି।

## ୧.୫ ରାଜ୍ୟ ଅପରାଧ ନଥି ସଂସ୍ଥା

ରାଜ୍ୟ ଅପରାଧ ନଥି ସଂସ୍ଥା ୧୯୮୮ ମସିହା ଜୁଲାଇ ମାସ ୨୩ ତାରିଖରେ ରାଜ୍ୟ ଗୃହ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା-୪୦୪୬୪ ଅନୁଯାୟୀ ତତ୍କାଳୀନ "ଓଡିଶା ପୁଲିସ୍ କମ୍ପ୍ୟୁଟର ସଂସ୍ଥା" ଏବଂ "ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା" କୁ ନେଇ ଗଠିତ ହୋଇଥିଲା।

ବର୍ତ୍ତମାନ କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ (ସି.ସି.ଟି.ଏନ୍.ଏସ୍)କୁ ଓଡିଶା ରାଜ୍ୟ ସହିତ ସାରାଦେଶରେ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଜାରି ରହିଛି। କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ କେନ୍ଦ୍ର ସରକାରଙ୍କ ଇ-ଗଭର୍ଣ୍ଣାନ୍ସ ଯୋଜନା ଅନ୍ତର୍ଗତ ଏକ ମିଶନମୋଡ୍ ପ୍ରକଳ୍ପ, ଯାହାକି ସମଗ୍ର ଦେଶରେ ପୁଲିସ୍ ସଂସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଉଦ୍ଦିଷ୍ଟ । ସି.ସି.ଟି.ଏନ୍.ଏସ୍. ମାଧ୍ୟମରେ ପୁଲିସ ସଂସ୍ଥା ଗୁଡିକ ଅପରାଧ ଏବଂ ଅପରାଧିକ ତଥ୍ୟ ଗୁଡିକୁ ଅନ୍‌ଲାଇନ ମାଧ୍ୟମରେ ସଂରକ୍ଷଣ କରି ରଖିପାରିବା ସଙ୍ଗେ ସଙ୍ଗେ ଦେଶର ସାଧାରଣ ନାଗରିକ ମଧ୍ୟ ନିର୍ବିଘ୍ନରେ ଅନ୍‌ଲାଇନ ପୋଲିସ ସେବା ପାଇପାରିବେ।

ରାଜ୍ୟ ଅପରାଧ ନଥି ସଂସ୍ଥାରେ ପରିସଂଖ୍ୟାନ ବିଭାଗର ଏକ ବିଶେଷ ଭୂମିକା ରହିଛି । ସମସ୍ତ ପ୍ରକାରର ଅପରାଧିକ ତଥ୍ୟର ପରିସଂଖ୍ୟାନ ବିବରଣୀ ଏହି ବିଭାଗରେ ସଠିକ ଭାବରେ ପ୍ରସ୍ତୁତ କରାଯାଇଥାଏ ।

ଏହା ବ୍ୟତୀତ, ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗ ବିଭିନ୍ନ ପ୍ରକାରର ଅପରାଧିକ ତଥ୍ୟ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥା ଯଥା ଏନ୍.ସି.ଆର.ବି.,ନୂଆଦିଲ୍ଲୀ,ବି.ପି.ଆର. ଆଣ୍ଡ.ଡି., ନୂଆଦିଲ୍ଲୀ, ଓଡିଶା ସରକାର ଏବଂ ଅନ୍ୟାନ୍ୟ ଉଚ୍ଚ କାର୍ଯ୍ୟାଳୟ ନିକଟରେ ସଫଳତାର ସହିତ ଉପସ୍ଥାପନା କରିପାରିଛି । ଏତଦ୍‌ଭିନ୍ନ ଏହି ବିଭାଗ ଜନସାଧାରଣ ତଥା ଅନୁଷ୍ଠାନକୁ ସୂଚନା ଅଧିକାର ଆଇନ-୨୦୦୫ ଆଧାରରେ ଆବଶ୍ୟକୀୟ ଅପରାଧିକ ତଥ୍ୟର ବିବରଣୀ ଯୋଗାଇ ଦେଇଛି । ପରିସଂଖ୍ୟାନ ବିଭାଗ, ଓଡିଶା ତଥା ଓଡିଶା ବାହାରର ସମସ୍ତ ଆରକ୍ଷୀ କାର୍ଯ୍ୟାଳୟ / ସଂସ୍ଥା, ଅନ୍ୟାନ୍ୟ ସରକାରୀ ସଂସ୍ଥା ତଥା କାର୍ଯ୍ୟାଳୟମାନଙ୍କୁ ସେମାନେ ଆବଶ୍ୟକ କରୁଥିବା ତଥ୍ୟ ସଠିକ ସମୟରେ ସଫଳତାର ସହିତ ଯୋଗାଇ ପାରିଛି । ଆରକ୍ଷୀ ପରିସଂଖ୍ୟାନ ବିଭାଗ, ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ସଂସ୍ଥା, ଅପରାଧ ଅନୁସନ୍ଧାନକାରୀ ଅଧିକାରୀ, ଓକିଲ ଇତ୍ୟାଦିଙ୍କୁ, ସେମାନେ ଆବଶ୍ୟକ କରୁଥିବା ଅପରାଧ ଓ ଅପରାଧୀ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ଯୋଗାଇ ଦିଆଯାଇଛି ।

ଅପରାଧ ଏବଂ ଅପରାଧିମାନଙ୍କର ପୂର୍ଣ୍ଣ ତଥ୍ୟ ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗରେ ସଂଗୃହୀତ ହୋଇଥାଏ ।

## ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟର ସଫଳତା

ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟ ଓଡିଶା ରାଜ୍ୟରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇଅଛି। ବିଭିନ୍ନ ସଫଳତାମାନଙ୍କ ମଧ୍ୟରୁ ସମ୍ୟକ ନିମ୍ନରେ ପ୍ରଦତ୍ତ କରାଗଲା:-

୧. ଏହି ଯୋଜନା ଅନ୍ତର୍ଗତ (୬୬୭)ପୁଲିସ ଥାନା, ଉଚ୍ଚତର କାର୍ଯ୍ୟାଳୟ (୨୦୯), ପୋଲିସ ନିୟନ୍ତ୍ରଣ କକ୍ଷ (୩୭) ଏବଂ ସି.ସି.ଟି.ଏନ.ଏସ. ତାଲିମ କେନ୍ଦ୍ର (୩୬) ମାନଙ୍କୁ ଆବଶ୍ୟକୀୟ କମ୍ପ୍ୟୁଟର ଏବଂ ମୁଦ୍ରକ ଯୋଗାଇ ଦିଆଯାଇଛି ।

୨. ପ୍ରତ୍ୟେକ ଥାନାକୁ ୪ଟି ଲେଖାଏଁ କମ୍ପ୍ୟୁଟର, ୧ଟି ବହୁମୁଖୀ କାର୍ଯ୍ୟକାରୀତା ସମ୍ପନ୍ନ ମୁଦ୍ରକ ଏବଂ ୧ଟି ଦ୍ୱିସ୍ତରୀୟ ମୁଦ୍ରକ ଉକ୍ତ ଯୋଜନାରେ ଯୋଗାଇ ଦିଆଯାଇଛି ।

୩. ପ୍ରତ୍ୟେକ ଉଚ୍ଚତର କାର୍ଯ୍ୟାଳୟକୁ ୩ଟି ଲେଖାଏଁ କମ୍ପ୍ୟୁଟର, ୧ଟି ବହୁମୁଖୀ କାର୍ଯ୍ୟକାରୀତା ସମ୍ପନ୍ନ ମୁଦ୍ରକ ଏବଂ ୧ଟି 2KVA UPS ଏବଂ ୧ଟି CISCO ସୁଇଚ୍ ଉକ୍ତ ଯୋଜନାରେ ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ପ୍ରତ୍ୟେକ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ୧୦ଟି ଲେଖାଏଁ କମ୍ପ୍ୟୁଟର, ୧୦ଟି ବହୁମୁଖୀ କାର୍ଯ୍ୟକାରୀତା ସମ୍ପନ୍ନ ମୁଦ୍ରକ ଏବଂ ୨ ଟି 2KVA UPS ଯୋଗାଇ ଦିଆଯାଇଛି ।

୪. ଓଡିଶା କମ୍ପ୍ୟୁଟର ଅନୁପ୍ରୟୋଗ କେନ୍ଦ୍ର (ଓକାକ), ଭୁବନେଶ୍ୱରଠାରେ ଗୋଟିଏ ଷ୍ଟେଟ ଡାଟା ସେଣ୍ଟର ସ୍ଥାପନ କରାଯାଇଛି ।

୫. ସମସ୍ତ ଥାନା ଏବଂ ଉଚ୍ଚତର କାର୍ଯ୍ୟାଳୟ ଗୁଡିକ ୪ ଏମବିପିଏସ ଏମପିଏଲଏସ/ଭିସାଟ ନେଟୱାର୍କ ସହିତ ଯୋଡିହୋଇଛନ୍ତି ଏବଂ ରାଜ୍ୟ ତଥ୍ୟ କେନ୍ଦ୍ରକୁ କ୍ରମାଗତ ଭାବେ ତଥ୍ୟ ପ୍ରେରଣ କରିଆସୁଛନ୍ତି ।

୬. ନୂଆଦିଲ୍ଲୀଠାରେ ପ୍ରତିଷ୍ଠିତ ହୋଇଥିବା **"ନ୍ୟାସନାଲ୍ ଡାଟା ସେଣ୍ଟର"**(ଜାତୀୟ ତଥ୍ୟ କେନ୍ଦ୍ର/

ଆପଦକାଳୀନ ତଥ୍ୟ ପୁନଃ ପ୍ରାପ୍ତି କେନ୍ଦ୍ର) କୁ **ଷ୍ଟେଟ ଡାଟା ସେଣ୍ଟର**, ଭୁବନେଶ୍ୱର ପ୍ରତି ୨୪ ଘଣ୍ଟାରେ ଥରେ ତଥ୍ୟ ବ୍ୟବସ୍ଥିତି (ଶିଙ୍କ୍ରୋନାଇଜେସନ) କରିଥାଏ।

୭. ୨୦୦୫ ମସିହାଠାରୁ ସମସ୍ତ ପୁରୁଣା ତଥ୍ୟ ଶତ ପ୍ରତିଶତ ଡିଜିଟାଲ କରାଯାଇଅଛି ଏବଂ ସି.ସି.ଟି.ଏନ.ଏସ.ର କୋର ଆପ୍ଲିକେସନ ସଫ୍‌ଟୱୟାର ମାଧ୍ୟମରେ ନିୟନ୍ତ୍ରିତ ହେଉଛି ।

୮. ୨୦୧୫ ମସିହାଠାରୁ ସମସ୍ତ ଥାନାର ଶତ ପ୍ରତିଶତ ଏତଲା ସି.ସି.ଟି.ଏନ.ଏସ. ମାଧ୍ୟମରେ ପ୍ରତିପାଦିତ କରାଯାଉଛି। ୩୦.୧୨.୨୦୨୨ ସୁଦ୍ଧା ସର୍ବମୋଟ ୧୦୦୫୯୧୩ ସଂଖ୍ୟକ ଏତଲା କରାଯାଇଛି।

୯. ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କେବଳ ସମ୍ବେଦନଶୀଳ ଏତଲା ଗୁଡିକୁ ବାଦ ଦେଇ ଅନ୍ୟ ସମସ୍ତ ଏତଲାକୁ ଓଡିଶା ପୋଲିସର ନାଗରିକ ନିର୍ବାହିକା (ସିଟିଜେନ ପୋର୍ଟାଲ) ରେ ଅପଲୋଡ କରାଯାଉଛି।

୧୦. ସମସ୍ତ ଦୋଷାରୋପ ଫର୍ଦ୍ଦ(ଚାର୍ଜ ସିଟ୍) ଏବଂ ଅନ୍ତିମ ଫର୍ଦ୍ଦ (ଫାଇନାଲ ଫର୍ମ) ଗୁଡିକ ମଧ୍ୟ ସି.ସି.ଟି.ଏନ.ଏସ. କୋର ଆପ୍ଲିକସନ ସଫ୍‌ଟୱୟାର ମାଧ୍ୟମରେ ନିୟନ୍ତ୍ରିତ ହେଉଛି । ।

୧୧. ମୋଟ ୧୪ ପ୍ରକାରର ସେବା "ଓଡିଶା ପୁଲିସ ସିଟିଜେନ ପୋର୍ଟାଲ" ମାଧ୍ୟମରେ ସମସ୍ତ ନାଗରିକ ମାନଙ୍କ ପାଇଁ ଉପଲବ୍ଧ ହେଉଅଛି। ଏହାଦ୍ୱାରା ଜନସାଧାରଣ ଥାନାକୁ ନଯାଇ ନିଜ ଘରେ ବସି ମୋବାଇଲ / କମ୍ପ୍ୟୁଟର ମାଧ୍ୟମରେ ଖୁବ୍ କମ ସମୟ ମଧ୍ୟରେ ଓଡିଶା ପୁଲିସର ବିଭିନ୍ନ ସେବାମାନ ପାଇପାରିବେ।

୧)ସାଧାରଣ ଅଭିଯୋଗ
୨)ଚରିତ୍ରଗତ ପ୍ରମାଣପତ୍ର ପାଇଁ ଆବେଦନ
୩)କୌଣସି ଆନୁଷ୍ଠାନିକ କାର୍ଯ୍ୟକ୍ରମ ପାଇଁ ଆବେଦନ
୪)ଶୋଭାଯାତ୍ରା ପାଇଁ ଆବେଦନ
୫)ବନ୍ଦ/ହରତାଳ ପାଇଁ ଆବେଦନ
୬)ଭଡାଟିଆ ମାନଙ୍କ ସତ୍ୟାପନ
୭)କର୍ମଚାରୀମାନଙ୍କ ସତ୍ୟାପନ
୮)ହଜିଯାଇଥିବା ସମ୍ପଦ ବାବଦରେ ସତ୍ୟାପନ
୯)ଏତଲାର ନକଲ ପାଇବା ପାଇଁ ଆବେଦନ
୧୦) ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ବାବଦରେ ଆବେଦନ
୧୧)ଅନ୍ତିମ ଫର୍ଦ୍ଦ ନକଲ ପାଇଁ ଆବେଦନ
୧୨)ଡାକବାଜି ଯନ୍ତ୍ର ବ୍ୟବହାର ପାଇଁ ଆବେଦନ
୧୩)ଘରୋଇ ସହାୟତା ପାଇଁ ସତ୍ୟାପନ
୧୪)ବରିଷ୍ଠ ନାଗରିକ ସହାୟତା

୧୨. **"ସହାୟତା"** ମୋବାଇଲ ଆପ୍: ଓଡିଶା ପୁଲିସ ଜନସାଧାରଣଙ୍କୁ ସମୟଭିତ୍ତିକ ସେବା ଯୋଗାଇ ଦେବାପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଜନସାଧାରଣଙ୍କୁ ଉନ୍ନତ ଏବଂ ତ୍ୱରିତ ସେବା ଯୋଗାଇଦେବାପାଇଁ ଓଡିଶା ପୁଲିସ ତରଫରୁ "ସହାୟତା" ନାମରେ ଏକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି, ଯାହାକି " ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର" ଏବଂ IOS ରେ ଉପଲବ୍ଧ।

୧୩. **ଆରକ୍ଷୀ** ମୋବାଇଲ ଆପ୍ଲିକେସନ୍ : ତଦନ୍ତକାରୀ ଅଧିକାରୀ ଅପରାଧସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିବା ନିମନ୍ତେ " ଆରକ୍ଷୀ" ନାମକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି, ଯାହାଦ୍ୱାରା ତଦନ୍ତ ପ୍ରକ୍ରିୟା ଅଧିକ ସରଳ ହୋଇପାରୁଛି ।

୧୪. **ସ୍ୱତନ୍ତ୍ର ବିବରଣୀ ମୋଡ୍ୟୁଲ:-** ଉପରିସ୍ଥ ଅଧିକାରୀ ମାନେ ଏହି ମୋଡ୍ୟୁଲ ସାହାଯ୍ୟରେ ସ୍ୱତନ୍ତ୍ର ବିବରଣୀ ବା ସ୍ପେଶାଲ ରିପୋର୍ଟ କେସରେ ସମୟଭିତ୍ତିକ ଆଦେଶ, ଅନୁବୃତ୍ତ ଆଦି ତଥ୍ୟ ତଦନ୍ତକାରୀ ଅଧିକାରୀ ମାନଙ୍କୁ ସୁବିଧାରେ ଏବଂ କମ ସମୟ ମଧ୍ୟରେ ପଠାଇ ପାରିବେ ଯାହାକି ତଦନ୍ତ ଉପଯୋଗୀ ହେଉଅଛି ।

୧୫. **ଅଣ-ସ୍ୱତନ୍ତ୍ର ବିବରଣୀ ମୋଡ୍ୟୁଲ:-** ଉପରିସ୍ଥ ଅଧିକାରୀ ମାନେ ଏହି ମୋଡ୍ୟୁଲ ସାହାଯ୍ୟରେ ଅଣ-ସ୍ୱତନ୍ତ୍ର ବିବରଣୀ ବା ନନ-ସ୍ପେଶାଲ ରିପୋର୍ଟ କେସରେ ସମୟଭିତ୍ତିକ ଆଦେଶ , ଅନୁବୃତ୍ତ ଆଦି ତଥ୍ୟ ତଦନ୍ତକାରୀ ଅଧିକାରୀ ମାନଙ୍କୁ ସୁବିଧାରେ ଏବଂ କମ ସମୟ ମଧ୍ୟରେ ପଠାଇ ପାରିବେ ଯାହାକି ତଦନ୍ତ ଉପଯୋଗୀ ହୋଇପାରିବ ।

୧୬. **ଗୋଷ୍ଠୀ ଭିତ୍ତିକ ସନ୍ଦେଶ ପ୍ରେରଣ:-** ଜନସାଧାରଣ ଅନୁରୋଧ କରିଥିବା ସେବାର ସ୍ଥିତି ଜାଣିବା ପାଇଁ "ସହାୟତା" ଏସ୍.ଏମ୍.ଏସ୍ ଏବଂ ଇ-ମେଲ ସେବାର ବ୍ୟବସ୍ଥା କରାଯାଇଛି ।

୧୭. **ମେଡିକୋ ଲିଗାଲ ଓପିନିୟନ ସିଷ୍ଟମ** (MLOS):- ଏଣିକି କୌଣସି ଅପରାଧର ଡାକ୍ତରୀ ତଥ୍ୟ ପାଇବା ପାଇଁ ତଦନ୍ତକାରୀ ଅଧିକାରୀ ମାନେ ସିଧାସଳଖ ଚିକିତ୍ସାଧିକାରୀମାନଙ୍କୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍ଟୱୟାର ମାଧ୍ୟମରେ ଅନୁରୋଧ ପତ୍ର ପ୍ରେରଣ ଏବଂ ଗ୍ରହଣ କରିପାରିବେ । ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ "ମେଡିକୋ ଲିଗାଲ ଓପିନିୟନ ସିଷ୍ଟମ" (MLOS) ନାମକ ଏକ ମଡ୍ୟୁଲ ବିକଶିତ କରାଯାଉଛି ଯାହାଦ୍ୱାରାକି ଏଭଳି ସମ୍ବେଦନଶୀଳ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ କମ୍ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇପାରିବ ।

୧୮. **ଆର୍କ-ଜିଆଇଏସ** (ARC-GIS):- ଭୌଗୋଳିକ ତଥ୍ୟ ଅନୁଯାୟୀ ଦୁର୍ଘଟଣାସ୍ଥଳର ସଠିକ ନିରୂପଣ ତଥା ସମ୍ପୃକ୍ତ ଥାନାର କାର୍ଯ୍ୟକାରୀ ପରିସୀମାକୁ ନିଶ୍ଚିତ କରିବା ନିମନ୍ତେ "ଆର୍କ-ଜିଆଇଏସ" (ARC-GIS) ନାମକ ସର୍ଭରକୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍ଟୱୟାର ଡାଟାବେସ ଦ୍ୱାରା ଏକୀକୃତ କରାଯାଇଛି । ବର୍ତ୍ତମାନ ରାଜ୍ୟର ସମସ୍ତ ଥାନା ଗୁଡିକର ପରିସୀମା ଭୌଗୋଳିକ ଘେରାବନ୍ଦୀ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବାରୁ ଏହା ତଦନ୍ତକାରୀ ଅଧିକାରୀ ମାନଙ୍କୁ ଅଧିକ ସହାୟକ ହେଉଅଛି ।

୧୯. **ମତାମତ ପରିଚାଳନା ପ୍ରଣାଳୀ:-** ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୫ଟି(5T)ଯୋଜନା ଅନ୍ତର୍ଗତ "ମୋ ସରକାର" ବ୍ୟବସ୍ଥାର ସଫଳ ରୂପାୟନ ନିମନ୍ତେ ଏକ ରାଜ୍ୟସ୍ତରୀୟ ଉଦ୍‌ଘୋଷଣ କେନ୍ଦ୍ର (କଲ ସେଣ୍ଟର) ରାଜ୍ୟ ଅପରାଧ ନଥି ସଂସ୍ଥା ଅଧୀନରେ ତା ୦୪.୦୯.୨୦୧୯ ରିଖ ଠାରୁ କାର୍ଯ୍ୟ କରୁଛି । ପୁଲିସ ଥାନାକୁ ଆସୁଥିବା ବିଭିନ୍ନ ଅଭିଯୋଗକାରୀ / ନାଗରିକମାନଙ୍କୁ ପୁଲିସର ବ୍ୟାବହାରିକ / ଭାଷାଗତ ଏବଂ କ୍ରିୟାଗତ ମାନ ନିର୍ଦ୍ଧାରଣ କରିବା ନିମନ୍ତେ ସେମାନଙ୍କ ମତାମତ ସଂଗ୍ରହ କରାଯାଉଛି। ଏଥିପାଇଁ ମତାମତ ପରିଚାଳନା ପ୍ରଣାଳୀ (FEEDBACK MANAGEMENT SYSTEM) ନାମକ ଏକ ଡ୍ୟାସବୋର୍ଡର ବ୍ୟବସ୍ଥା କରାଯାଇଛି ଯାହାକି ବହୁତ ଉପଯୋଗୀ ହେଉଛି ।

୨୦. **ଆଭାଷୀ ପୁଲିସ ଥାନା** (VIRTUAL POLICE STATION ):- ମାନ୍ୟବର ମୁଖ୍ୟମନ୍ତ୍ରୀ ତା:୨୮.୦୧.୨୦୨୦ ରିଖ ଠାରୁ ରାଜ୍ୟ ଅପରାଧ ନଥି ସଂସ୍ଥାରେ ଏକ ଆଭାଷୀ ପୁଲିସ ଥାନାର ଉଦଘାଟନ କରିଛନ୍ତି । ଏହାଦ୍ୱାରା ଜନସାଧାରଣ ଥାନାକୁ ନ ଯାଇ ଘରେ ବସି ଅନଲାଇନରେ ସିଟିଜେନ ପୋର୍ଟାଲ / ସହାୟତା ମୋବାଇଲ ଆପ ପ୍ରୟୋଗ ମାଧ୍ୟମରେ ଗାଡି ଚୋରି ସଂକ୍ରାନ୍ତୀୟ ଅଭିଯୋଗ ଦାଖଲ କରିବା ସହିତ ତତ୍‌ସମ୍ବନ୍ଧୀୟ ସୂଚନା ଏସ୍.ଏମ୍.ଏସ୍. ମାଧ୍ୟମରେ ପ୍ରାପ୍ତ କରିପାରିବେ । ଏହି ବାବଦରେ ସମ୍ପୃକ୍ତ ଥାନାରେ ଡାଇରୀ କରାଯାଇ କେସ୍ ପଞ୍ଜୀକରଣ ହେବାପରେ ଅନୁସନ୍ଧାନ ଆରମ୍ଭ କରାଯାଏ । କେସ ପଞ୍ଜୀକରଣ ହେବାର ୨୧ ଦିନ ମଧ୍ୟରେ ଯଦି ଅନୁସନ୍ଧାନକାରୀ ଅଧିକାରୀ ଅନ୍ତିମ ଫର୍ଦ୍ଦ ଦାଖଲ ନକରନ୍ତି , ତେବେ ସ୍ୱୟଂକ୍ରିୟ ଭାବେ ଅନ୍ତିମ ଫର୍ଦ୍ଦ ନ୍ୟାୟାଳୟରେ ଦାଖଲ ହୋଇଥାଏ ।

୨୧. **ସଡକ ଦୁର୍ଘଟଣା ଅନୁସନ୍ଧାନ ମୋଡ୍ୟୁଲ (Road Accident Case Investigation Module):-** ଏହି ମୋଡ୍ୟୁଲଟିକୁ ସଡକ ପରିବହନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଆବଶ୍ୟକତା ଅନୁଯାୟୀ ବିଶ୍ଳେଷଣ ପାଇଁ ଆବଶ୍ୟକ ତଥ୍ୟ ଅବଲୋକନ କରିବାପାଇଁ ବିକଶିତ କରାଯାଇଛି। ଏହି ମୋଡ୍ୟୁଲଟି ଏକ ଆନାଲିଟିକାଲ ତଥ୍ୟ ପ୍ରସ୍ତୁତ କରିବ, ଯାହା ସଡକ ଦୁର୍ଘଟଣାରେ ମୃତ୍ୟୁହାର ହ୍ରାସ କରିବା ସହିତ ସଡକକୁ ଅଧିକ ସୁରକ୍ଷିତ କରିବ ଏବଂ ଏଥି ନିମନ୍ତେ ନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ତା ୦୧.୦୧.୨୦୨୧ ରୁ ତା ୦୭.୦୭.୨୦୨୨ରିଖ ପର୍ଯ୍ୟନ୍ତ ମୋଟ ୧୭୨୮୦ ଗୋଟି ସଡକ ଦୁର୍ଘଟଣା ମାମଲା ମଧ୍ୟରୁ ୯୯୦୪ ଗୋଟି ମାମଲା ଉକ୍ତ ମୋଡ୍ୟୁଲ ମାଧ୍ୟମରେ ପଞ୍ଜିକୃତ ହୋଇଅଛି।

୨୨. ଇ-ଅଭିଯୋଗ:- ପୁଲିସ ବାହିନୀର ସମସ୍ତ କର୍ମଚାରୀମାନେ ସେମାନଙ୍କର ସମସ୍ତ ଅଭିଯୋଗ ଏହି ମୋଡ୍ୟୁଲ ମାଧ୍ୟମରେ ଅନଲାଇନରେ ନିଜର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ, ଯାହାକି ଉପଯୁକ୍ତ ମାଧ୍ୟମ ଦେଇ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ ହୋଇ କାର୍ଯ୍ୟକାରୀ କରାଯାଇ ପାରିବ ।

୨୩. **ୱାରେଣ୍ଟ ପରିଚାଳନା ବ୍ୟବସ୍ଥା:-**ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତିମାନଙ୍କର ଏକ କମିଟିଙ୍କ ସୁପାରିଶକ୍ରମେ ଅନଲାଇନ ୱାରେଣ୍ଟ ପରିଚାଳନାକୁ ଦୃଷ୍ଟିରେ ରଖି ଉକ୍ତ ମୋଡ୍ୟୁଲ ବିକଶିତ କରାଯାଇଛି। ଏହି ମୋଡ୍ୟୁଲ ମାନ୍ୟବର ମୁଖ୍ୟ ନ୍ୟାୟାଳୟଙ୍କ ଅନୁମୋଦନ ପରେ କାର୍ଯ୍ୟକ୍ଷମ ହେବ।

୨୪. **ଘରୋଇ ସୁରକ୍ଷା ସଂସ୍ଥାର ସତ୍ୟାପନ/ଯାଞ୍ଚ:-** ଗୃହ ବିଭାଗ ନିର୍ଦ୍ଦେଶରେ ଉକ୍ତ ମୋଡ୍ୟୁଲକୁ ବିକଶିତ କରାଯାଇଛି। ଏହି ମୋଡ୍ୟୁଲ ସହାୟତାରେ ପ୍ରତି ଜିଲ୍ଲାର ପୁଲିସ ଥାନା ଅଧୀନରେ ଆସୁଥିବା ସମସ୍ତ ଘରୋଇ ସୁରକ୍ଷା ସଂସ୍ଥାର ସତ୍ୟାପନ/ଯାଞ୍ଚ କରାଯାଉଅଛି।

୨୫. **ବିଧିବିଜ୍ଞାନ ପ୍ରୟୋଗଶାଳା ମୋଡ୍ୟୁଲ :-**ଏହି ମୋଡ୍ୟୁଲ ହେଉଛି ଏକ ଭୂମିକା ଆଧାରିତ ୱେବ୍ ପ୍ରୟୋଗ ଯାହା ସ୍ୱଚ୍ଛତା, ଦକ୍ଷତା ବଜାୟ ରଖିବା ଏବଂ କାର୍ଯ୍ୟଭାର ହ୍ରାସ କରିବା ନିମନ୍ତେ ରାଜ୍ୟ ବିଧିବିଜ୍ଞାନ ପ୍ରୟୋଗଶାଳାର ସମ୍ପୂର୍ଣ୍ଣ କାର୍ଯ୍ୟ ଶୈଳୀକୁ ସ୍ୱୟଂଚାଳିତ କରିଥାଏ। ଏଠାରେ ଉଲ୍ଲେଖଯୋଗ୍ୟ, ବିଧିବିଜ୍ଞାନ ପ୍ରୟୋଗଶାଳା ମୋଡ୍ୟୁଲ ର କଷ୍ଟୋମାଇଜେସନ ଫଳସ୍ୱରୂପ ସମନ୍ୱିତ ଅପରାଧିକ ନ୍ୟାୟ ବ୍ୟବସ୍ଥା(ICJS)ଅଧୀନରେ ଏହାକୁ କାର୍ଯ୍ୟକାରୀ କରିଥିବାରୁ ୨୦୨୧ ମସିହା ନିମନ୍ତେ ଜାତୀୟ ଅପରାଧ ନଥି ସଂସ୍ଥା(NCRB)ର ବାର୍ଷିକ ସମ୍ମିଳନୀରେ ଓଡିଶା ପୁଲିସକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା।

୨୬. **ସାକାର(SAACAR):-** ଏହା ହେଉଛି ରାଜ୍ୟ ସରକାର ଙ୍କ 5T ନିଦର୍ଶନର ଏକ ପଦକ୍ଷେପ, ଯାହା ଏତଲା ପଞ୍ଜିକରଣ ତାରିଖରୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ SC/ST ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ମାମଲାରେ ପୀଡିତାଙ୍କୁ କ୍ଷତିପୂରଣ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏହି ପ୍ରକ୍ରିୟା ଦ୍ୱାରା ବିଭିନ୍ନ ସରକାରୀ ବିଭାଗ ଯଥା ଗୃହ,ସ୍ୱାସ୍ଥ୍ୟ,ରାଜସ୍ୱ, ବିଧିବିଜ୍ଞାନ ପ୍ରୟୋଗଶାଳା,ଅନୁସୂଚିତ ଜାତି/ଉପଜାତି ବିଭାଗଗୁଡିକୁ ଏକୀକୃତ କରାଯାଇ ଅନୁସନ୍ଧାନ ଏବଂ କ୍ଷତିପୂରଣ ବଣ୍ଟନ ସହିତ ଜଡିତ ସମସ୍ତ କାର୍ଯ୍ୟଧାରାକୁ ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟାରେ ସମ୍ପନ୍ନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ପୋର୍ଟାଲକୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ୧୨.୧୦.୨୦୨୨ରେ ଉନ୍ମୋଚନ କରିଛନ୍ତି ଏବଂ ଏହା ବର୍ତ୍ତମାନ ସାରା ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଛି।

୨୭. **ଅପରାଧ ପରିଚାଳନା ବ୍ୟବସ୍ଥା(CMS):-** ସମସ୍ତ ଅପରାଧର ସହଜ ମନିଟରିଂ ପାଇଁ ଏକବୃହତ ଡାଟାବେସ କରିବା ଉଦ୍ଦେଶ୍ୟରେ SCRB ଦ୍ୱାରା 5T ପଦକ୍ଷେପ ଅନୁଯାୟୀ ଏହି ପ୍ରଣାଳୀ ବିକଶିତ

ହୋଇଛି। ଏହା ସମ୍ପୂର୍ଣ୍ଣ କେସ୍ ରେକର୍ଡର ଅନଲାଇନ ପ୍ରବେଶ, ନିର୍ଦ୍ଦେଶର ଅନଲାଇନ ଟ୍ରାନ୍ସମିଶନ ଏବଂ ମାମଲାର ତତ୍କ୍ଷଣାତ ମନିଟରିଂ ଏବଂ ଟ୍ରାକିଂ ନିଶ୍ଚିତ କରିବାକୁ ସୁଗମ କରିବ। ଏକ ପ୍ଲାଟଫର୍ମ ଉନ୍ନତ ଆନାଲିଟିକାଲ ଉପକରଣଗୁଡିକର ପ୍ରକିୟାକରଣ ସହିତ ସଂଯୁକ୍ତ ଅଟେ ଯେପରିକି ଅପରାଧଧାରାକୁ ଧରିବା ପାଇଁ ଗ୍ରାଫ୍ ଯାହା ଉଭୟ ତଦନ୍ତକାରୀ ଅଧିକାରୀ ଏବଂ ତଦାରଖକାରୀ ଅଧିକାରୀ,ସମସ୍ତଙ୍କ କାର୍ଯ୍ୟଦକ୍ଷତା ଉପରେ ନଜର ରଖିବା ସମ୍ଭବ ହୋଇପାରିବ। ଏହା ବର୍ତ୍ତମାନ ପରୀକ୍ଷଣର ଅବସ୍ଥାରେ ଅଛି ଏବଂ ଯଥାଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯିବାର ପ୍ରସ୍ତାବ ରହିଛି। ଓଡିଶା ହେଉଛି ଏପରି ପ୍ରଣାଳୀ ବିକଶିତ କରିବାରେ ଦେଶର ପ୍ରଥମ ରାଜ୍ୟ, କାରଣ ଦେଶର ଅନ୍ୟ କୌଣସି ରାଜ୍ୟ ଏପରି ଶକ୍ତିଶାଳୀ ଉପଭୋକ୍ତା ସହାୟକ ପ୍ରଣାଳୀ ବିକଶିତ କରିନାହାଁନ୍ତି।

୨୮. **ଅଧିକ ନାଗରିକ ସେବାର ସମ୍ପ୍ରସାରଣ:-** ବର୍ତ୍ତମାନ ଓଡିଶା ପୁଲିସ ତରଫରୁ ୧୪ ପ୍ରକାରର ନାଗରିକ ସେବା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ, ମାନ୍ୟବର ପୁଲିସ ମହାନିର୍ଦ୍ଦେଶକ ଆହୁରି ତିନୋଟି ନାଗରିକ ସେବା ସମ୍ପ୍ରସାରଣ ପାଇଁ ଅନୁମୋଦନ କରିଛନ୍ତି। ଯଥା UD FIR ର କପି, ପୋଷ୍ଟମୋର୍ଟମ ରିପୋର୍ଟ ଏବଂ ଫାଇନାଲ ଫର୍ମକୁ ନାଗରିକ ପୋର୍ଟାଲ ଏବଂ ସହାୟତା ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସୂଚନା ପ୍ରଦାନକାରୀଙ୍କୁ ପ୍ରଦାନ କରିବା। ଅଧିକନ୍ତୁ, UD ମାମଲାର ନିମ୍ନ ପର୍ଯ୍ୟାୟରେ ସୂଚନାଦାତାଙ୍କୁ SMS ଆଲର୍ଟ ପଠାଇବାର ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ ହେବାର ଯୋଜନା ରହିଛି।

- ଅପମୃତ୍ୟୁ ମାମଲା ପଞ୍ଜୀକରଣ ପରେ
- ପୋଷ୍ଟମର୍ଟମ ରିପୋର୍ଟ ପାଇବା ପରେ
- ଫାଇନାଲ ଫର୍ମ ଦାଖଲ ପରେ

ଏହି ସମସ୍ତ ପଦକ୍ଷେପ SCRB, ଓଡିଶାକୁ ଦେଶର ଏକ ପ୍ରମୁଖ ଏଜେନ୍ସି କରିପାରିଛି ଏବଂ ଆଇସିଜେଏସ୍(ICJS)ଅଧୀନରେ ୨୦୨୧ ଏବଂ ୨୦୨୨ ମସିହାରେ ଏହାର ଫୋରେନ୍ସିକ ମଡ୍ୟୁଲ ପାଇଁ ଏହା ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି।

## ୧.୬. ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା, ଭୁବନେଶ୍ୱର

୧୯୩୬ ମସିହା ଅପ୍ରେଲ ପହିଲାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ଦିନଠାରୁ "ଓଡିଶା ଅଙ୍ଗୁଳିଛାପ ସଂସ୍ଥା" ଗଠିତ ହୋଇଥିଲା ।

୩୨ଟି ଆରକ୍ଷୀ ଜିଲ୍ଲାରେ, ୨୦୦୨ ମସିହାରୁ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି । ଉନ୍ନତ ମାନର Automated Finger Print Identification System ସଫ୍‌ଟୱେୟାର ରାଜ୍ୟ ଅପରାଧ ନଥି ସଂସ୍ଥା HCL Server ରେ ୨୦୧୯ ଠାରୁ ସ୍ଥାପନ କରାଯାଇଅଛି । ସମସ୍ତ ଆରକ୍ଷୀ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟମାନଙ୍କୁ ଫିଙ୍ଗରପ୍ରିଣ୍ଟ ଲାଇଭ୍ ସ୍କାନର ଯୋଗାଇଦିଆଯାଇ ଅପରାଧୀମାନଙ୍କର ଉନ୍ନତମାନର ଅଙ୍ଗୁଳିଛାପ ଏଫିସ୍ ଡାଟାବେସ (AFIS) ରେ ସଂରକ୍ଷଣ କରାଯାଉଛି । ୬୧୩ ଗୋଟି ଥାନାକୁ ସିଙ୍ଗଲ ଡିଜିଟ ଫିଙ୍ଗରପ୍ରିଣ୍ଟ ଲାଇଭ ସ୍କାନର୍ (Single Digit Finger Print Live Scanner) ଅପରାଧୀମାନଙ୍କର ଅଙ୍ଗୁଳିଛାପ ତଥ୍ୟ ଏଫିସ୍ ଡାଟାବେସ (AFIS Database) କୁ ସିଧାସଳଖ ପ୍ରେରଣ ପାଇଁ ଯୋଗାଇ ଦିଆଯାଇଅଛି ।

୧୨୮ ଗୋଟି ମୋବାଇଲ AFIS ଯନ୍ତ୍ର କ୍ରୟ କରାଯାଇଛି। ଏହା ୩୬ଟି ପୁଲିସ ଜିଲ୍ଲାର ୧୨୮ ଗୋଟି ଥାନାକୁ ସିମ କାର୍ଡ ସହ ଯୋଗାଇ ଦିଆଯାଇଛି। ଏଥିରେ ଅଙ୍ଗୁଳି ଛାପ ମାଧ୍ୟମରେ ଯେ କୌଣସି ବ୍ୟକ୍ତିର ପୂର୍ବ ଅପରାଧ ବିବରଣୀ Finger Print Data Base ରୁ ପୁଲିସ ଅଧିକାରୀମାନଙ୍କୁ ତତକ୍ଷଣାତ ମିଳିପାରିବ।

୫ ଗୋଟି ଆରକ୍ଷୀ ଅଞ୍ଚଳ (ପୋଲିସ ରେଞ୍ଜ)କୁ mobile multispectral image processing camera ନାମକ ଏକ ଅତ୍ୟାଧୁନିକ କ୍ୟାମେରା ଯୋଗାଇ ଦିଆଯାଇଛି। ଏଥିରେ ଅପରାଧସ୍ଥଳରେ odd surface ରୁ ସନ୍ଦିଗ୍ଧ ଚିପଚିହ୍ନମାନ ସଂଗ୍ରହ କରାଯାଇପାରୁଛି।

ଚଳିତ ବର୍ଷ ୦୫ ଜଣ ଦଣ୍ଡିତ ଅପରାଧୀଙ୍କର ଆଙ୍ଗୁଳିଛାପ ନଥି ଫର୍ଦ୍ଦକୁ ପରୀକ୍ଷଣ ଓ ବର୍ଗୀକରଣ କରି ସଂରକ୍ଷଣ କରାଯାଇଅଛି। ସେହିପରି ମୋଟ ୧୩,୬୯୯ ଜଣ ଗିରଫ ସନ୍ଦିଗ୍ଧ ଅପରାଧୀଙ୍କ ଅଙ୍ଗୁଳି ଛାପ ଖୋଜଫର୍ଦ୍ଦ ଯାଞ୍ଚ କରାଯାଇ ତଥ୍ୟାବଳୀ ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯିବା ସହିତ ଏଫିସ୍ ଡାଟାବେସ୍‌ରେ ସଂରକ୍ଷଣ କରାଯାଇଅଛି ।

ମୋଟ ୨,୭୫,୨୬୯ ଜଣ ଗିରଫ ବ୍ୟକ୍ତି ଓ ଦଣ୍ଡିତ ଅପରାଧୀ ଏବଂ ୭,୭୨୯ଟି ଅଜ୍ଞାତ ଅଙ୍ଗୁଳିଛାପ ନଥି ଫର୍ଦ୍ଦକୁ ଏଫିସ୍ ଡାଟାବେସ୍(AFIS database)ରେ ସଂରକ୍ଷିତ କରାଯାଇଅଛି।

ଚଳିତ ବର୍ଷ ୫୩୯ ଟି ମାମଲାରେ ୧୮୨ ଗୋଟି ସନ୍ଦିଗ୍ଧ ଅଙ୍ଗୁଳିଛାପ ନଥିଫର୍ଦ୍ଦ ଏଫିସ ଡାଟାବେସ (AFPIS Database) ରେ enroll କରାଯାଇ ତନଖି କରାଯାଇଛି ।

୦୫ ଜଣ ଦଣ୍ଡିତ ଅପରାଧୀଙ୍କର ଅଙ୍ଗୁଳିଛାପ ନଥିଫର୍ଦ୍ଦ ତନଖି କରାଯାଇ ଜାତୀୟ ଅପରାଧ ନଥିସଂସ୍ଥା, ନୂଆଦିଲ୍ଲୀକୁ ଯାଞ୍ଚ ଓ ପଞ୍ଜୀକରଣ ପାଇଁ ପଠାଯାଇଅଛି।

ଚଳିତ ବର୍ଷ ୧୩ ଜଣ ଅଚିହ୍ନା ମୃତ ବ୍ୟକ୍ତିଙ୍କର ଅଙ୍ଗୁଳି ଛାପ ଏଫିସ ଡାଟାବେସ(AFPIS Database) ରେ enroll କରାଯାଇ ତନଖି କରାଯାଇଛି ।

୨୦୪ ଟି ମାମଲାରେ (ଅପରାଧ ସ୍ଥଳରୁ ସଂଗୃହୀତ ଅଙ୍ଗୁଳିଛାପ ମାମଲା-୧୮୬, ସରକାରୀ ଦଲିଲରେ ଥିବା ବିବାଦୀୟ ଚିପଚିହ୍ନ ମାମଲା-୧୫ ଏବଂ ବିଚାରାଳୟରୁ ଆସିଥିବା ଦଲିଲରେ ବିବାଦୀୟ ଚିପଚିହ୍ନ ମାମଲା-୦୩) ଅଙ୍ଗୁଳିଛାପ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଥିଲା।

୨୦୨୨ ରେ ୫୧୫ ଜଣ ଆରକ୍ଷୀ ଅଧିକାରୀ ଏବଂ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଅଙ୍ଗୁଳିଛାପ ବିଜ୍ଞାନ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଅଛି।

୨୯ ଟି ମାମଲାରେ ଅପରାଧ ସ୍ଥଳରୁ ମିଳିଥିବା ୧୧୫ ଟି ସନ୍ଦିଗ୍ଧ ଅଙ୍ଗୁଳିଛାପ ରୁ ୫୩ ସନ୍ଦିଗ୍ଧ ଅଙ୍ଗୁଳିଛାପ ଓ ୩୪ ଜଣ ଅପରାଧୀଙ୍କୁ ସଫଳତାର ସହିତ ଚିହ୍ନଟ କରାଯାଇ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା, ଯାହାକି ତଦନ୍ତକାରୀ ଅଧିକାରୀମାନଙ୍କୁ ତଦନ୍ତରେ ସାହାଯ୍ୟ କରିଥିଲା ।

୨୦୨୨ରେ ଅପରାଧସ୍ଥଳରୁ ସଂଗୃହୀତ ହୋଇଥିବା ଅଙ୍ଗୁଳି ଛାପ ମାମଲା ୪୫୫ ,ସରକାରୀ ଦଲିଲରେ ଥିବା ବିବାଦୀୟ ଟିପ ଚିହ୍ନ ମାମଲା- ୧୪ ଏବଂ ବିଚାରାଳୟରୁ ଆସିଥିବା ଦଲିଲରେ ଥିବା ବିବାଦୀୟ ଟିପ ଚିହ୍ନ ମାମଲା ୦୨ ଆଙ୍ଗୁଳିଛାପ ପରୀକ୍ଷା ନିମନ୍ତେ ପ୍ରାପ୍ତ କରାଯାଇଅଛି ।

୧୮ ଟି ମାମଲା (୧୫ ଟି ସରକାରୀ ଓ ୩ ଟି ବିଚାରାଳୟରୁ) ୩୪୦ ଦ୍ୱନ୍ଦାତ୍ମକ ଅଙ୍ଗୁଳିଛାପକୁ ଚିହ୍ନଟ କରାଯାଇ ତଦନ୍ତକାରୀ ଅଧିକାରୀମାନଙ୍କୁ ଯୋଗାଇ ଦିଆଯାଇଛି, ଯାହା ଅନୁସନ୍ଧାନରେ ସାହାଯ୍ୟ କରିଅଛି ।

୨୦୨୨ ବର୍ଷରେ ଅନ୍ୟ ରାଜ୍ୟରୁ ଆସିଥିବା ୯ ଟି ମାମଲାରେ ୬୬ ଜଣ ଦଣ୍ଡିତ ଅପରାଧୀମାନଙ୍କର ଅଙ୍ଗୁଳି ଛାପ ନଥିଫର୍ଦ୍ଦ ଏଫିସ୍ ଡାଟାବେସ୍ ଦ୍ୱାରା ତନଖି କରାଯାଇ ମତାମତ ପ୍ରଦାନ କରାଯାଇଅଛି ।

## ୧.୭ ହସ୍ତାକ୍ଷର ପରୀକ୍ଷାଗାର

ଓଡିଶା ରାଜ୍ୟ ପୁଲିସ୍ ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖା ଅଧୀନରେ ଥିବା ହସ୍ତାକ୍ଷର ପରୀକ୍ଷାଗାରରେ ଜାଲିଆତି, ଯୌତୁକଜନିତ ଅପରାଧ, ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର, ହତ୍ୟା, ଅର୍ଥ ତୋଷରପାତ, ଜାଲ ନୋଟ୍ କାରବାର ଇତ୍ୟାଦି ଅପରାଧ ସମ୍ବନ୍ଧୀୟ ଦଲିଲ୍ ପରୀକ୍ଷା କରାଯାଇ ବିଶେଷଜ୍ଞ ମାନଙ୍କର ମତ ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ, ସରକାରୀ କର୍ମଚାରୀମାନଙ୍କ ବିରୁଦ୍ଧରେ କରାଯାଇଥିବା ବିଚାର ବିଭାଗୀୟ ପ୍ରୋସିଡିଙ୍ଗ୍‌ରେ ସମ୍ପୃକ୍ତଥିବା ଦଲିଲମାନ ମଧ୍ୟ ପରୀକ୍ଷା କରାଯାଏ । ଏଥିସହ ଏହି ପରୀକ୍ଷାଗାରରେ ନ୍ୟାୟାଳୟ ଓ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରାଯାଇଥିବା ଦଲିଲମାନ ପରୀକ୍ଷା କରାଯାଇଥାଏ ।

ଏହି ପରୀକ୍ଷାଗାରରେ କାର୍ଯ୍ୟରତ ହସ୍ତାକ୍ଷର ବିଶେଷଜ୍ଞମାନେ ପ୍ରୋବେସନାରୀ ଆରକ୍ଷୀ ଉପନିରୀକ୍ଷକ, କାରାଗାର କର୍ମଚାରୀ, ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ବୃତ୍ତିଗତ ଶିକ୍ଷାର୍ଥୀ, ବିଜୁ ପଟ୍ଟନାୟକ ରାଜ୍ୟ ଆରକ୍ଷୀ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ, ଡାକ୍ତରୀ ଛାତ୍ର, ଛାତ୍ରୀ ତଥା ବିଭିନ୍ନ ବିଚାରାଳୟର ବିଚାରପତିମାନଙ୍କୁ ତାଲିମ ପ୍ରଦାନ କରିଥାନ୍ତି ।

୨୦୨୨ ମସିହାରେ ଏହି ପରୀକ୍ଷାଗାରରେ ସମୁଦାୟ ୮୧ ଟି ପୁଲିସ୍ ମାମଲା ସମ୍ବନ୍ଧିତ ୮,୬୧୨ ଏକ୍‌ଜିବିଟ୍ ଓ ୧୭୨ ଟି ଦୁର୍ନୀତି ନିବାରଣ ମାମଲାର ୧୯,୯୨୭ ସଂଖ୍ୟକ ଏକ୍‌ଜିବିଟ ପରୀକ୍ଷା କରାଯାଇ ମତ ପ୍ରଦାନ କରାଯାଇଥିଲା । ସେହିପରି ନ୍ୟାୟାଳୟ ଏବଂ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ୧୭ ଟି ମାମଲାର ୬୨୧ ଏକ୍‌ଜିବିଟ ପରୀକ୍ଷା କରାଯାଇ ପରୀକ୍ଷା ଫିସ୍ ବାବଦକୁ ଟ ୩୫,୬୦୦ ଙ୍କା ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି ।

## ୧.୮ ଫଟୋ ସଂସ୍ଥା-

୨୦୨୨ ମସିହାରେ ଉକ୍ତ ସଂସ୍ଥା ଦ୍ୱାରା ୫୨୬ ଟି ମାମଲାରେ ୨୬୨୮ ଟି ଅଙ୍ଗୁଳିଛାପ ଫଟୋ, ହସ୍ତାକ୍ଷର ବିଶେଷଜ୍ଞଙ୍କ ମତାମତ ପାଇଁ ୮୪ ଟି ମାମଲାରେ ୩୧୮୯ ଏକଜିବିଟ୍‌ସ ନେଗେଟିଭ ଏବଂ ୨୧ ଟି ଫଟୋ ବେସରକାରୀ ମାମଲାର ଆବଶ୍ୟକ ଫଟୋ ଚିତ୍ର ପ୍ରସ୍ତୁତ କରିବା ସହ ୫୬ ଜଣ

କର୍ମଚାରୀଙ୍କ ପାଇଁ ପରିଚୟ ପତ୍ର ଏବଂ ଗଣ ମାଧ୍ୟମରେ ପ୍ରଚାର ପାଇଁ ନିରୁଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ଫଟୋ କପି ପ୍ରସ୍ତୁତ କରାଯାଇଅଛି ।

ଉକ୍ତ ସଂସ୍ଥା ଦ୍ୱାରା ଅପରାଧସ୍ଥଳ, ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ୧୨୮ ଟି ଘଟଣା, ବିଶିଷ୍ଟ ବ୍ୟକ୍ତିଙ୍କର ଗସ୍ତ ସମୟରେ ୧୧ଟି ଘଟଣା ଏବଂ ଭିନ୍ନ ଭିନ୍ନ ପୋଲିସ ଦପ୍ତରରେ ଅନୁଷ୍ଠିତ ହୋଇଥିବା ଜାତୀୟ ଓ ରାଜ୍ୟସ୍ତରୀୟ ପୋଲିସ ଉତ୍ସବ, ପୋଲିସ ତାଲିମ କାର୍ଯ୍ୟକ୍ରମ, ପାସିଙ୍ଗ ଆଉଟ ପ୍ୟାରେଡ ଇତ୍ୟାଦି କ୍ଷେତ୍ରରେ ୬୬ଟି ଘଟଣାରେ ଭିଡିଓ ଚିତ୍ର ଉତ୍ତୋଳନ କରାଯାଇଅଛି ।

## ୧.୯ କେ-ନାଇନ୍ ସ୍କ୍ୱାଡ୍

୧୯୬୧ ମସିହାଠାରୁ ଓଡିଶା ପୁଲିସ୍ ଶ୍ୱାନବାହିନୀ, ରାଜ୍ୟ ଅପରାଧ ତଦନ୍ତ ବିଭାଗ ଅଧିନରେ କାର୍ଯ୍ୟକରିଆସୁଅଛି । ଏତଦ୍‌ବ୍ୟତୀତ, ଶ୍ୱାନ ବାହିନୀ ୨୮ ଟି ଜିଲ୍ଲାରେ କାର୍ଯ୍ୟ କରୁଅଛି । ରାଜ୍ୟ ଶ୍ୱାନ ବାହିନୀରେ ନିମ୍ନ ପ୍ରକାରର ତାଲିମପ୍ରାପ୍ତ ଶ୍ୱାନ ଅଛନ୍ତି (କ) ଟ୍ରାକିଙ୍ଗ୍ ଶ୍ୱାନ, (ଖ) ବିସ୍ଫୋରକ ସାମଗ୍ରୀ ଅନୁସନ୍ଧାନକାରୀ ଶ୍ୱାନ, (ଗ) ମାଦକ ଦ୍ରବ୍ୟ ଅନୁସନ୍ଧାନକାରୀ ଶ୍ୱାନ ଓ (ଘ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନୁସନ୍ଧାନ ଓ ସାହାଯ୍ୟକାରୀ ଶ୍ୱାନ । ୨୦୨୨ ମସିହାରେ ଟ୍ରାକିଙ୍ଗ୍ ଶ୍ୱାନମାନେ ୧୨୨୬ ଗୋଟି ମାମଲାର ତଦନ୍ତରେ ସାହାଯ୍ୟ ପାଇଁ ନିୟୋଜିତ ହୋଇଥିଲେ, ତନ୍ମଧ୍ୟରୁ ୩୦୮ ଟି ମାମଲାରେ ଅନୁସନ୍ଧାନର ସୂତ୍ର ବାହାରିଥିଲା । ୮୩ ଟି ମାମଲାରେ ଶ୍ୱାନମାନଙ୍କ ପ୍ରଶଂସନୀୟ କାର୍ଯ୍ୟ ଯୋଗୁଁ ଅପରାଧୀମାନେ ଗିରଫ ହେବା ସହ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା । ଏତଦ୍‌ବ୍ୟତୀତ, ବିସ୍ଫୋରକ ଅନୁସନ୍ଧାନକାରୀ ଶ୍ୱାନମାନେ ୧୨୪୯ ଗୋଟି ଘଟଣା ଯଥା- ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତ, ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ନକ୍ସଲ ଦମନ ସମୟରେ ରାଜ୍ୟରେ ନିୟୋଜିତ ହୋଇଥିଲେ ତନ୍ମଧ୍ୟରୁ ୬ଟି ଘଟଣାରେ ଶ୍ୱାନମାନେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ।

## ୧.୧୦ ବେତାର ବିଭାଗ:

ପୋଲିସ ପ୍ରଶାସନ ତଥ୍ୟ ପରିବେଷଣ ଆବଶ୍ୟକତା ଦୃଷ୍ଟିରୁ ୧୯୪୬ ମସିହାରେ ଆମ ରାଜ୍ୟର ୬ ଗୋଟି ଜିଲ୍ଲା ସଦର ମହକୁମାକୁ ନେଇ ଓଡିଶା ବେତାର ସଂସ୍ଥା ସ୍ଥାପନ କରାଯାଇଥିଲା ।

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ମାଓବାଦୀ କାର୍ଯ୍ୟକଳାପ ପ୍ରତିହତ କରିବାପାଇଁ ୨୦୨୨ ମସିହାରେ ୪୦ ଗୋଟି ସ୍ଥାୟୀ ହସ୍ତବାହୀ ଭି.ଏଚ୍.ଏଫ. ଯନ୍ତ୍ର ରାଜ୍ୟର ବିଭିନ୍ନ ପଦସ୍ଥ ପୁଲିସ ଅଫିସରମାନଙ୍କୁ ପ୍ରଦାନ କରାଯାଇଅଛି । ପୁଲିସ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୬ ଗୋଟି ନୂତନ ଭି.ଏଚ୍.ଏଫ. କେନ୍ଦ୍ର ସ୍ଥାୟୀ ଭାବେ ସ୍ଥାପନ କରାଯିବା ସହିତ ରାଜ୍ୟର ବିଭିନ୍ନ ଥାନା ମାନଙ୍କରେ ଥିବା ଗାଡି ଏବଂ ପୁଲିସ୍ କଣ୍ଟ୍ରୋଲ ରୁମ୍ ଗାଡି ଗୁଡିକରେ ୧୮ ଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଯନ୍ତ୍ର ସ୍ଥାୟୀ ଭାବେ ଖଞ୍ଜା ଯାଇଅଛି । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ ୨୦୨୨ ରେ ୧୬ ଗୋଟି ଭି.ଏଚ୍.ଏଫ୍. କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏତଦ୍‌ବ୍ୟତୀତ, ପର୍ବ ପର୍ବାଣୀ, ବିଶିଷ୍ଟ/ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଗସ୍ତ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପର୍ଯ୍ୟାୟକ୍ରମେ ୩୩୭୨ ଗୋଟି ସ୍ଥିର ଭି.ଏଚ୍.ଏଫ୍., ୬୨୪୪ ଗୋଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଏବଂ ୧୨୩୭୫ଗୋଟି ହସ୍ତବାହୀ ବେତାର ଯନ୍ତ୍ର ଅସ୍ଥାୟୀ ଭାବେ ନିୟୋଜିତ ହୋଇଥିଲା ।

୨୦୨୨ ମସିହାରେ ୬୧ ଏ.ଏସ୍.ଆଇ. (କମ୍ୟୁନିକେସନ) ଏବଂ ୧୪୭ କନେଷ୍ଟବଳ (କମ୍ୟୁନିକେସନ) ବେତାର ବିଭାଗରେ ନିଯୁକ୍ତ ହୋଇଛନ୍ତି ।

ସମ୍ପ୍ରତି ରାଜ୍ୟର ୨ ଟି ପାରାକେନ୍ଦ୍ର ଯଥା- କେନ୍ଦ୍ରୀୟ ଅଭିଜନନ କେନ୍ଦ୍ର, କଟକ ଓ ପୁଲିସ୍ ତାଲିମ କେନ୍ଦ୍ର, ଅନୁଗୁଳ ଠାରେ ୧୪୯ ଗୋଟି ପାରା ଅଛନ୍ତି । ଏହି ପାରାଗୁଡିକୁ ରାଜ୍ୟସ୍ତରୀୟ ଉତ୍ସବ ଓ ଆନୁଷ୍ଠାନିକ ପ୍ୟାରେଡରେ ଶାନ୍ତି ଓ ମୈତ୍ରୀ ର ବାର୍ତ୍ତା ପ୍ରସାର ପାଇଁ ନିୟୋଜିତ କରାଯାଇଥାଏ । ଏହି ପାରାଗୁଡିକୁ ୨୬ ଟି ରାଜ୍ୟସ୍ତରୀୟ ଉତ୍ସବରେ ଉଡାଣ କରାଯାଇଥିଲା ।

## ୧.୧୧ ପୁଲିସ୍ ମୋଟର ପରିବହନ

ପୁଲିସ୍ ମୋଟର ପରିବହନ ସଦର କାର୍ଯ୍ୟାଳୟ କଟକ ଠାରେ ଅବସ୍ଥିତ। ଏତଦ୍‌ବ୍ୟତୀତ, ସମ୍ବଲପୁର, ବ୍ରହ୍ମପୁରଠାରେ ଦୁଇଟି ରେଞ୍ଜ୍ କର୍ମଶାଳା ଏବଂ ରାଉରକେଲା ଓ କୋରାପୁଟ ଠାରେ ଦୁଇଟି ଆଞ୍ଚଳିକ କର୍ମଶାଳା ଓ ଜିଲ୍ଲା ଓ ବାଟାଲିୟନ ସ୍ତରରେ ୧୦ ଗୋଟି କ୍ଷୁଦ୍ର କର୍ମଶାଳା ଅଛି ।

୨୦୨୨ ମସିହାରେ ପୁଲିସ୍ ମୋଟର ପରିବହନର ବିଭିନ୍ନ କର୍ମଶାଳା ମାନଙ୍କରେ ୧୦,୯୦୮ ଟି ବଡ ଧରଣର ଓ ୨୬,୫୬୪ ଟି ଛୋଟ ଧରଣର ମରାମତି କାର୍ଯ୍ୟ କରାଯାଇଥିଲା ।

୨୦୨୨ ମସିହାରେ ୨୦୪ ଟି ବିଭିନ୍ନ ପ୍ରକାରର ଗାଡିକୁ ଅକାମୀ କରାଯାଇଅଛି ଏବଂ ସେଗୁଡିକର ନିଲାମ ପାଇଁ ବ୍ୟବସ୍ଥା କରାଯାଇଅଛି ।

## ୧.୧୨ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠରେ ନିର୍ଯାତନା, ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଉପଜାତି ମାନଙ୍କଉପରେ ହେଉଥିବା ଅତ୍ୟାଚାର ସମ୍ପର୍କିତ ମୋକଦ୍ଦମା ଗୁଡିକର ତଦାରଖ ତଥା ଆବଶ୍ୟକ ସ୍ଥଳେ ଏଗୁଡିକର ତଦନ୍ତ ଦାୟିତ୍ୱ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟରେ ଘଟୁଥିବା ହାଜତ ମୃତ୍ୟୁ ମାମଲାର ତଦାରଖ ଓ ତଦନ୍ତ ଦାୟିତ୍ୱ ଗ୍ରହଣ କରାଯାଇଥାଏ। ଏହି ପ୍ରକୋଷ୍ଠ ଜାତୀୟ ମାନବାଧିକାର ଆୟୋଗ, ରାଜ୍ୟ ମାନବାଧିକାର ଆୟୋଗ, ଜାତୀୟ ମହିଳା କମିଶନ, ରାଜ୍ୟ ମହିଳା କମିଶନ ଓ ଜାତୀୟ ଅନୁସୂଚିତ ଜାତି/ଜନଜାତି ଆୟୋଗଙ୍କର ସମନ୍ୱୟ ରକ୍ଷାକାରୀ ବିଭାଗ (ନୋଡାଲ ଏଜେନ୍‌ସି) ରୂପେ କାର୍ଯ୍ୟକରେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରତିଷ୍ଠାନରୁ ଉତ୍ତର ତଥା ଅନୁସନ୍ଧାନ ରିପୋର୍ଟ ସଂଗ୍ରହ କରି ଉପରୋକ୍ତ ଆୟୋଗମାନଙ୍କୁ ପଠାଇଥାଏ। ଏହା ବ୍ୟତୀତ, ଏହି କାର୍ଯ୍ୟାଳୟରେ ଏକ ଅଭିଯୋଗ ପ୍ରକୋଷ୍ଠ ପରିଚାଳିତ ହେଉଅଛି, ଯେଉଁଠାରେ ଜନସାଧାରଣ ଜିଲ୍ଲା ପୁଲିସ୍‌ର ନିଷ୍କ୍ରିୟତା କିମ୍ବା ଅନ୍ୟ କୌଣସି କାରଣରୁ ଅଭିଯୋଗ କଲେ ଆବଶ୍ୟକ ସ୍ଥଳେ ସେମାନଙ୍କ ଅଭିଯୋଗ ଗୁଡିକର ଅନୁସନ୍ଧାନ ଏବଂ ତଦନ୍ତ କରାଯାଏ କିମ୍ବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାନଙ୍କୁ ସମୁଚିତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇ ସେଗୁଡିକର ତଦାରଖ କରାଯାଏ । ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଗଠିତ ଜିଲ୍ଲାସ୍ତରୀୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠର ପରିଚାଳନା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଉକ୍ତ କାର୍ଯ୍ୟାଳୟରୁ ପଠାଯାଇଥାଏ । ଏହି କେନ୍ଦ୍ର ଦ୍ୱାରା ପାରିବାରିକ ମନୋମାଳିନ୍ୟ ଓ ଦାମ୍ପତ୍ୟ କଳହ ଗୁଡିକର ଆପୋଷ ମିଳାମିଶା କରାଯାଇଥାଏ ।

ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କ ଉପରେ ୨୦୨୨ ମସିହାରେ ରୁଜୁ ହୋଇଥିବା ସର୍ବମୋଟ ୩୭୦୪ ଟି ମାମଲା ମଧ୍ୟରୁ ୨୪୫୭ ଟି ମାମଲା ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ ୧୨୪୭ ଟି ମାମଲା ତଦନ୍ତାଧୀନ ଅଛି।

୨୦୨୨ ମସିହାରେ ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀଙ୍କ ଠାରୁ ୩୪୬ଟି ଅଭିଯୋଗ ଏହି ପ୍ରତିଷ୍ଠାନକୁ ଅନୁସନ୍ଧାନ ପାଇଁ ଆସିଥିଲା । ତନ୍ମଧ୍ୟରୁ ୩୧୧ଟି ଅଭିଯୋଗ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୩୫ ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅନୁସନ୍ଧାନ ନିମନ୍ତେ ରହିଛି ।

୨୦୨୨ ମସିହାରେ ୧୩୯ ଟି ଅଭିଯୋଗ ରାଜ୍ୟ ମାନବାଧିକାର ଆୟୋଗ, ଭୁବନେଶ୍ବରଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୧୩୪ ଟି ଅଭିଯୋଗ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୫ ଟି ଅଭିଯୋଗ ତଦନ୍ତାଧୀନ ଅଛି ।

### ୧.୧୩ କର୍ମଚାରୀଙ୍କ ପଦୋନ୍ନତି ସମ୍ବନ୍ଧୀୟ ତଥ୍ୟ

ବିଗତ ୨୦୨୨ ମସିହାରେ ସରକାରଙ୍କ ପଦୋନ୍ନତି ନିୟମକୁ ଦୃଷ୍ଟିରେ ରଖି ପୋଲିସ୍ ବିଭାଗର ସମସ୍ତ ପଦପଦବୀର ପଦୋନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନିମ୍ନଲିଖିତ ପଦୋନ୍ନତି ଦିଆଯାଇଅଛି ।

(୧)୦୪ ଜଣ ଏସ୍.ଆଇ. ଙ୍କୁ ଇନସ୍ପେକ୍ଟର(ଆର୍ମଡ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୨)୦୧ ଜଣ ଏସ୍.ଆଇ. (ଫଟୋ) ଙ୍କୁ ଇନସ୍ପେକ୍ଟର (ଫଟୋ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୩)୩୯ ଜଣ ଏ.ଏସ୍.ଆଇ. (କମ୍ୟୁନିକେସନ) ଙ୍କୁ ଏସ୍.ଆଇ. (କମ୍ୟୁନିକେସନ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୪)୪ ଜଣ ଡ୍ରାଇଭର ହାବିଲ୍‌ଦାର ମେଜର ଙ୍କୁ ଏମ. ଟି.ଏସ୍.ଆଇ ଭାବେ ପଦୋନ୍ନତି ଦିଆଯାଇଅଛି ।

(୫)୨୪୫ ଜଣ ଏ.ଏସ୍.ଆଇ. ଙ୍କୁ ଏସ୍.ଆଇ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୬)୧୨୦ ଜଣ ଏସ୍.ଆଇ. ଙ୍କୁ ଇନିସ୍‌ପେକଟର ଭାବେ ପଦୋନ୍ନତି ଦିଆଯାଇଅଛି ।

(୭)ବେତାର ବିଭାଗର ୭୭ ଜଣ କନେଷ୍ଟବଳ (କମ୍ୟୁନିକେସନ)ଙ୍କୁ ଏ.ଏସ.ଆଇ. (କମ୍ୟୁନିକେସନ)ଭାବେ ପଦୋନ୍ନତି ଦିଆଯାଇଅଛି ।

(୮)୦୨ ଜଣ ଆର୍ମର ହାବିଲ୍‌ଦାର ମେଜର ଙ୍କୁ ଆର୍ମର ଏସ୍.ଆଇ / ଡେପୁଟି ସୁବେଦାର ଭାବେ ପଦୋନ୍ନତି ଦିଆଯାଇଅଛି ।

(୯)୦୧ ଜଣ ଆର୍ମର ଡେପୁଟି ସୁବେଦାରଙ୍କୁ ଆର୍ମର ଇନସ୍‌ପେକଟ୍ର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୦) ୦୪ ଫିଙ୍ଗରପ୍ରିଣ୍ଟ ଏସ୍.ଆଇ. ଙ୍କୁ ଫିଙ୍ଗରପ୍ରିଣ୍ଟ ଇନସ୍‌ପେକଟ୍ର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୧) ୦୧ ଜଣ ବ୍ୟାଣ୍ଡ ହାବିଲଦାରଙ୍କୁ ବ୍ୟାଣ୍ଡ ହାବିଲଦାର ମେଜର (ବ୍ରାସ/ଷ୍ଟ୍ରିଙ୍ଗ ବ୍ୟାଣ୍ଡ)ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୨) ୧୦୫୨ କନେଷ୍ଟବଳ / ଲ୍ୟାନସ୍ ନାୟକ/ ହାବିଲଦାର / ସି.ଆଇ. ହାବିଲଦାର/ ଡ୍ରାଇଭର ହାବିଲଦାରଙ୍କୁ ଓ.ଏ.ଏସ୍.ଆଇ ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୩) ୨୬ ଜଣ ଆସିଷ୍ଟାଣ୍ଟ ଆର୍ମର ଙ୍କୁ ଆର୍ମର ହାବିଲ୍‌ଦାର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୪) ୦୪ ଜଣ ଏ.ଏସ୍.ଆଇ.(ଫଟୋ) ଙ୍କୁ ଏସ୍.ଆଇ.(ଫଟୋ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୫) ୦୯ ଜଣ କନେଷ୍ଟବଳ (ଫଟୋ) ଙ୍କୁ ଏ. ଏସ୍.ଆଇ. (ଫଟୋ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୬) ୧୨ କନେଷ୍ଟବଳ ଙ୍କୁ ଏ.ଏସ.ଆଇ. (ଅଫିସିଏଟିଂ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୭) ୬ ଜଣ ଡ୍ରାଇଭର ହାବିଲ୍‌ଦାର ଙ୍କୁ ହାବିଲ୍‌ଦାର ମେଜର /ଏମ. ଟି. ଏସ୍.ଆଇ ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୮) ୫ ଜଣ ଡି.ଜି.ପି.ଓ. କ୍ୟାଡରର ଏ.ଏସ.ଓ. ଙ୍କୁ ଏସ.ଓ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୯) ୧ ଜଣ ଡି.ପି.ଓ. କ୍ୟାଡରର ମୁଖ୍ୟ କିରାଣୀ ଙ୍କୁ କାର୍ଯ୍ୟାଳୟ ଅଧୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୦) ୧୫ ଜଣ ଡି.ପି.ଓ. କ୍ୟାଡରର ବରିଷ୍ଠ କିରାଣୀ ମାନଙ୍କୁ ମୁଖ୍ୟ କିରାଣୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୧) ୦୪ ଜଣ ଡି.ଜି.ପି.ଓ. କ୍ୟାଡରର ସିନିୟର ଷ୍ଟେନୋଗ୍ରାଫର ଙ୍କୁ ପର୍ସନାଲ ଆସିଷ୍ଟାଣ୍ଟ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୨) ୧୪ ଜଣ ଡି.ଜି.ପି.ଓ. କ୍ୟାଡରର ଜୁନିୟର ଷ୍ଟେନୋଗ୍ରାଫର ଙ୍କୁ ସିନିୟର ଷ୍ଟେନୋଗ୍ରାଫର ଭାବେ ପଦୋନ୍ନତି ଦିଆଯାଇଅଛି ।

# ଦ୍ୱିତୀୟ ଅଧ୍ୟାୟ

## ୨. ତାଲିମ ଓ ମାନବ ସମ୍ବଳ:-

୨.୧ ରାଜ୍ୟରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ ନିମନ୍ତେ ନିମ୍ନଲିଖିତ ତାଲିମ ଅନୁଷ୍ଠାନମାନ କାର୍ଯ୍ୟ କରୁଅଛି ।

**(କ)** ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ଭୁବନେଶ୍ୱର ।

**(ଖ)** ପୋଲିସ ଟ୍ରେନିଂ କଲେଜ, ଅନୁଗୁଳ ।

**(ଗ)** ପୋଲିସ ଟ୍ରେନିଂ ସ୍କୁଲ, ନୟାଗଡ ।

**(ଘ)** ସହରାଞ୍ଚଳ ପୋଲିସ ଓ ଯାତାୟତ ତାଲିମ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱର ।

**(ଙ)** ଓଡିଶା ସଶସ୍ତ୍ର ପୋଲିସ ବାହିନୀ ଟ୍ରେନିଂ ସେଣ୍ଟର, ଝାରସୁଗୁଡା ।

**(ଚ)** ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ତାଲିମ କେନ୍ଦ୍ର,ଚନ୍ଦକା,ଭୁବନେଶ୍ୱର ।

**(ଛ)** ପୋଲିସ ତାଲିମ କେନ୍ଦ୍ର, ବୈରୀ ।

**(ଜ)** ରେଞ୍ଜ ପୋଲିସ ତାଲିମ ସ୍କୁଲ, କୋରାପୁଟ ।

**(ଝ)** ମୌଳିକ ତାଲିମ କେନ୍ଦ୍ର, ବୁର୍ଲା ।

### ୨.୨. କାରାଗାର କର୍ମଚାରୀଙ୍କ ତାଲିମ

- ୨୦୨୨-୨୩ ବର୍ଷ ରେ ୭୩ ଜଣ କାରା ଅଧିକାରୀ ସେଣ୍ଟ୍ରାଲ ଏକାଡେମୀ ଅଫ ପୋଲିସ ଟ୍ରେନିଂ, ଓଡିଶା ଜୁଡିସିଆଲ ଏକାଡେମୀ, ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍, ବ୍ୟୁରୋ ଅଫ ପୋଲିସ **ରିସର୍ଚ୍ଚ** ଏବଂ ଡେଭଲପମେଣ୍ଟ, ନୂଆଦିଲ୍ଲୀ ଇତ୍ୟାଦିରେ ତାଲିମ ଗ୍ରହଣ କରିଅଛନ୍ତି ।
- ୪ ଜଣ ନବ ନିଯୁକ୍ତ ସହକାରୀ କାରାପାଳଙ୍କ ମୌଳିକ ତାଲିମ ପାଠ୍ୟକ୍ରମ ନିମନ୍ତେ ସେମାନଙ୍କୁ ହାଇଦ୍ରାବାଦ, ତେଲେଙ୍ଗାନା କୁ ପଠାଯାଇଅଛି ।
- ୨୦୨୨ ମସିହାରେ ୪୩ ଜଣ କାରା ଅଧିକାରୀ ଗୁଜୁରାଟର ଅହମଦାବାଦ ଠାରେ ତା ୦୪.୦୯.୨୦୨୨ ରୁ ୦୬.୦୯.୨୦୨୨ ରିଖ ପର୍ଯ୍ୟନ୍ତ ହେଇଥିବା ଅଲ ଇଣ୍ଡିଆ ପ୍ରିଜନ ଡିୟୁଟି ମିଟରେ ଯୋଗଦାନ କରି **ମୋଟ** ୭ଟି ପଦକର ବିଜେତା ହୋଇଛନ୍ତି ।

କ) ସ୍ୱର୍ଣ୍ଣ -୦୩

ଖ) ରୌପ୍ୟ - ୦୨

ଗ) କାଂଶ୍ୟ, - ୦୨

- ୨୦୨୨ ବର୍ଷରେ ୪୨ ଜଣ କାରାରକ୍ଷୀ ମହାତ୍ମା ଗାନ୍ଧୀ କାରାଗାର ଏକାଡେମୀ, ଭୁବନେଶ୍ୱର ଠାରେ ତାଲିମ ଗ୍ରହଣ କରିଛନ୍ତି ।

୨୦୨୨ ବର୍ଷରେ ୨୩ ଜଣ ପର୍ଯ୍ୟବେକ୍ଷଣ ଅଧିକାରୀ ମହାତ୍ମା ଗାନ୍ଧୀ କାରାଗାର ଏକାଡେମୀ, ଭୁବନେଶ୍ୱର ଠାରେ ତାଲିମ ଗ୍ରହଣ କରିଛନ୍ତି ।

## ୨.୩ ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର

ରାଜ୍ୟ ସଚିବାଳୟର ବିଭିନ୍ନ ବିଭାଗ ମାନଙ୍କରେ ନିୟୋଜିତ ପୂର୍ବତନ କନିଷ୍ଠ ସହାୟକ ମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ ୧୯୬୦ ମସିହାରେ ସ୍ଥାପିତ ହୋଇଥିଲା । ସାଧାରଣ ପ୍ରଶାସନ ତଥା ସଚିବାଳୟର ପ୍ରଶାସନରେ ସୂଚନା ପ୍ରଯୁକ୍ତି ଓ ତତ୍ ସଂକ୍ରାନ୍ତୀୟ ସେବା ପ୍ରୟୋଗର ପ୍ରଚଳନ ହେବାପରେ ସରକାରୀ କାର୍ଯ୍ୟକ୍ରମରେ ବହୁ ଢାଞ୍ଚାଗତ ପରିବର୍ତ୍ତନ ହେବାରୁ ସଚିବାଳୟ ସେବା କ୍ୟାଡର ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ମାନ ବୃଦ୍ଧି କରିବା ଆବଶ୍ୟକ ହେଲା ।

ତଦନୁଯାୟୀ ସଚିବାଳୟ ସେବା କ୍ୟାଡର ଅଧିକାରୀମାନଙ୍କ ପ୍ରଶିକ୍ଷଣ ସକାଶେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଂକଳ୍ପ ସଂଖ୍ୟା ୨୧୬୪୭ , ତା ୩୦.୦୫.୨୦୧୯ରିଖ ରେ ଏକ ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ପ୍ରଣୟନ କରିଅଛନ୍ତି । ଏହି ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ଅନୁଯାୟୀ ଓଡ଼ିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ ଅଧୁନା ନିମ୍ନ ତିନି ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଛନ୍ତି ଯଥା (କ) ନୂତନ ଭାବେ ନିଯୁକ୍ତି ପାଉଥିବା ଓ ଇଂଡକ୍ସନ ମାଧ୍ୟମରେ ବଛାଯାଉଥିବା ସହକାରୀ ଉପବିଭାଗ ଅଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଇଂଡକ୍ସନ ପ୍ରଶିକ୍ଷଣ , (ଖ) ସହକାରୀ ଉପବିଭାଗ ଅଧିକାରୀ/ ଉପବିଭାଗ ଅଧିକାରୀ/ ଡେସ୍କ ଅଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ରିଫ୍ରେଶର ପ୍ରଶିକ୍ଷଣ ଓ (ଗ) ଓରିଏଣ୍ଟେସନ ପ୍ରଶିକ୍ଷଣ । ତା୦୪.୦୨.୨୦୧୭ରିଖରେ ପୁନଃଗଠନ ହେବା ପରଠାରୁ ୧୫ ଗୋଟି ପର୍ଯ୍ୟାୟରେ ୧୧୪୮ ଜଣ ସହକାରୀ ଉପବିଭାଗ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି । ଇତି ମଧ୍ୟରେ ନୂତନ ଭାବେ ଚୟନ ହୋଇଥିବା ୧୫୮ ଜଣ କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର୍ ମାନଙ୍କୁ Odisha Computer Application Centre (OCAC) ।

## ୨.୪ ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର

ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଅଧିନରେ **୧୯୬୩** ମସିହାଠାରୁ ଅବିରତ ଭାବରେ କାର୍ଯ୍ୟ କରି ଆସୁଅଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ବେକାରୀ ସ୍ନାତକମାନଙ୍କୁ ବିଭିନ୍ନ ସରକାରୀ ଦପ୍ତର, ସରକାରୀ ଉଦ୍ୟୋଗ ଏବଂ ବେସରକାରୀ ସଂସ୍ଥାଗୁଡ଼ିକରେ କ୍ଷିପ୍ରଲେଖକ ପଦବୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ସେମାନଙ୍କୁ ଇଂରାଜୀ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଓଡ଼ିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ବ୍ୟକ୍ତିଗତ ସଚିବ, ବ୍ୟକ୍ତିଗତ ସହାୟକ, କ୍ଷିପ୍ରଲେଖକ ଓ ଡ଼ାଟା ଏଣ୍ଟ୍ରି ଅପରେଟରମାନଙ୍କୁ ମଧ୍ୟ ଏହି ଅନୁଷ୍ଠାନରେ, ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରାଯାଏ ।

ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ଅଧିନରେ ଥିବା ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଜିଲ୍ଲା କାର୍ଯ୍ୟାଳୟ ଏବଂ ସେମାନଙ୍କ ଅଧିନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ କ୍ଷିପ୍ରଲେଖକ / ମୁଦ୍ରଲେଖକ / କିରାଣୀ / ଡ଼ାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଏହି ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପ୍ୟୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱୟାର ମାଧ୍ୟମରେ ପ୍ରଦାନ କରାଯାଏ ।

ଏହି ଅନୁଷ୍ଠାନ ଦ୍ୱାରା ଚଳିତ **୨୦୨୨-୨୩** ବର୍ଷରେ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ଫ୍ୟାସନ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (NIFT) ର ଭୁବନେଶ୍ୱର ଦପ୍ତରରେ କାର୍ଯ୍ୟରତ ସାତ ଜଣ କନିଷ୍ଠ ସହାୟକ ଏବଂ MTS ମାନଙ୍କ ପଦୋନ୍ନତି ପାଇଁ ସେମାନଙ୍କର ମୁଦ୍ରଲେଖନ ବେଗ ପରୀକ୍ଷା ପରିଚାଳନା କରାଯାଇଅଛି ।

ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଅଧିନସ୍ଥ କର୍ମଚାରୀ ରାଜ୍ୟ ବୀମା ନିଗମ (ESIC), ଭୁବନେଶ୍ୱର ଶାଖାର ଦୁଇ ଜଣ କ୍ଷିପ୍ରଲେଖକଙ୍କର କ୍ଷିପ୍ରଲିପି ଓ ମୁଦ୍ରଲେଖନ ପରୀକ୍ଷା ମଧ୍ୟ ପରିଚାଳନା କରାଯାଇଅଛି ।

ଏତଦ୍ ବ୍ୟତୀତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ କ୍ଷିପ୍ରଲେଖକ, କିରାଣୀ ଓ ମୁଦ୍ରଲେଖକ ପଦବୀରେ ନିଯୁକ୍ତି କିମ୍ବା ପଦୋନ୍ନତି ପ୍ରକ୍ରିୟାରେ ଉକ୍ତ ଶିକ୍ଷ୍ୟାନୁଷ୍ଠାନ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଅଛି ।

# ତୃତୀୟ ଅଧ୍ୟାୟ

## ୩ କାରାଗାର ସଂଗଠନ

### ୩.୧ କାରାଗାର ସୁରକ୍ଷା

- କାରାଗାର ଗୁଡିକର ସୁରକ୍ଷାକୁ ଦୃଢ଼ୀକରଣ ନିମନ୍ତେ ୧୬ ଗୋଟି କାରାଗାରର ପରିଧି ପ୍ରାଚୀରର ବୃଦ୍ଧି କରାଯାଇଅଛି ।

### ୩.୨ କାରାଗାରରେ ଅତ୍ୟଧିକ ଗହଳି

- ୨୦୨୨-୨୩ ମସିହାରେ ବିଭିନ୍ନ କାରାଗାରର ଭିଡ କମାଇବା ପାଇଁ ୧୩ ଗୋଟି କାରାଗାରରେ ୯୯୦ କ୍ଷମତା ବିଶିଷ୍ଟ ଅତିରିକ୍ତ ପ୍ରକୋଷ୍ଠ ତିଆରି କରାଯାଇଅଛି ।

### ୩.୩ କାରାଗାର କର୍ମଚାରୀଙ୍କ ପଦୋନ୍ନତି

- ୨ ଜଣ ବରିଷ୍ଠ ମଣ୍ଡଳ କାରାଗାର ଅଧୀକ୍ଷକଙ୍କୁ ଉପ କାରାଗାର ମହାନିରୀକ୍ଷକ ପଦବୀ କୁ ପଦୋନ୍ନତି ଦିଆଯାଇଛି ।
- ୨ ଜଣ ଜିଲ୍ଲା ଅଧୀକ୍ଷକଙ୍କୁ ବରିଷ୍ଠ ମଣ୍ଡଳ କାରାଗାର ଅଧୀକ୍ଷକ ପଦବୀ କୁ ପଦୋନ୍ନତି ଦିଆଯାଇଛି ।
- ୨ ଜଣ ସହ କାରାପାଳଙ୍କୁ କାରାପାଳ ପଦବୀ କୁ ପଦୋନ୍ନତି ଦିଆଯାଇଛି ।
- ୧ ଜଣ କାରାପାଳଙ୍କୁ ଅଧୀକ୍ଷକ ପଦବୀ କୁ ପଦୋନ୍ନତି ଦିଆଯାଇଛି ।
- ୧ ଜଣ ଜିଲ୍ଲା ପରିବୀକ୍ଷଣ ଅଧିକାରୀଙ୍କୁ ଆଞ୍ଚଳିକ ପରିବୀକ୍ଷଣ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯାଇଛି ।

### ୩.୪ ମୂଳ ପଦବୀ ପୂରଣ

- ରାଜ୍ୟର ବିଭିନ୍ନ କାରାଗାରରେ ୪୦୩ ଗୋଟି କାରାରକ୍ଷୀ ପଦବୀ ପୂରଣ ପାଇଁ ଲିଖିତ ପରୀକ୍ଷା ଶେଷ ହୋଇଛି ।
- କାରାଗାର ନିର୍ଦ୍ଦେଶାଳୟରେ ୧୦ ଗୋଟି କନିଷ୍ଠ ସହାୟକ ପଦବୀ ପୂରଣ ନିମନ୍ତେ ଓ.ଏସ୍.ଏସ୍.ସି ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶିତ ହୋଇଅଛି ।
- ୨୦ ଗୋଟି କନିଷ୍ଠ କରେକ୍ସନାଲ ଅଫିସର ପଦବୀ ପୂରଣ ନିମନ୍ତେ ଓ.ଏସ୍.ଏସ୍.ସି ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶିତ ହୋଇଅଛି ।

### ୩.୫ ବନ୍ଦୀମାନଙ୍କର ସ୍ୱାସ୍ଥ ଏବଂ ସ୍ୱଚ୍ଛତା ବୃଦ୍ଧି

କ. ୨୩ଟି କାରାଗାରରେ ଆଉଟସୋର୍ସିଂ ମାଧ୍ୟମରେ ୨୧ ଜଣ ପୁରୁଷ ଏବଂ ୨୦ ଜଣ ମହିଳା ନର୍ସିଂ ଅର୍ଡଲି ନିୟୋଜନ ପାଇଁ ସରକାରଙ୍କ ଅନୁମୋଦନ ମିଳିଅଛି ।

ଖ. ଚୁକ୍ତି ଭିତ୍ତିକ ଡାକ୍ତରୀ ଅଧିକାରୀଙ୍କ ମାସିକ ଦରମା ଟ.୨୫,୦୦୦.୦୦ଙ୍କା ରୁ ଟ.୫୫,୦୦୦.୦୦ଙ୍କା କୁ ବୃଦ୍ଧି କରାଯାଇଛି ।

ଗ. ଆଉଟସୋର୍ସିଂ ମାଧ୍ୟମରେ ଚାଳିଶିଗୋଟି କାରାଗାରରେ ସଫେଇ କାର୍ଯ୍ୟ ପାଇଁ ସରକାରଙ୍କ ଅନୁମୋଦନ ମିଳିଅଛି ।

ଘ. ଆଉଟସୋର୍ସିଂ ମାଧ୍ୟମରେ କୋଡିଏ ଗୋଟି କାରାଗାରରେ ଆମ୍ବୁଲାନ୍ସ ସେବାକୁ ସରକାରଙ୍କ ଅନୁମୋଦନ ମିଳିଅଛି ।

ଙ. ଆଉଟସୋର୍ସିଂ ମାଧ୍ୟମରେ ବିଭିନ୍ନ କାରାଗାରରେ ୧୬ ଜଣ ଗାଡିଚାଳକଙ୍କୁ ନିୟୋଜିତ କରିବାପାଇଁ ସରକାରଙ୍କ ଅନୁମୋଦନ ମିଳିଅଛି ।

ଚ. ରାଜ୍ୟର ବିଭିନ୍ନ କାରାଗାର ଗୁଡିକରେ ୧୮ ଗୋଟି ମେଡିକାଲ ଅଫିସର ପଦବୀ ସୃଷ୍ଟି ହୋଇଛି ।

ଛ. ବିଭିନ୍ନ କାରାଗାରରେ ନିୟମିତ ବ୍ୟବଧାନରେ ବନ୍ଦୀମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ ସଚେତନତା ପ୍ରଭୃତିର ଆୟୋଜନ କରାଯାଇଛି ।

ଜ. ବନ୍ଦୀମାନଙ୍କର ଦୈନନ୍ଦିନ ଖାଦ୍ୟର ମୂଲ୍ୟରେ ପରିବର୍ତ୍ତନ କରି ତାହାକୁ ୬୪/-ଟଙ୍କାରୁ ୮୦/-ଟଙ୍କାକୁ ବୃଦ୍ଧି କରାଯାଇଅଛ । ସେହିପରି କାରାଗାରରେ ଥିବା ପିଲାମାନଙ୍କ ପାଇଁ ଖାଦ୍ୟର ମୂଲ୍ୟ ୨୭.୧୦/-ଟଙ୍କାରୁ ୫୦.୨୭/-ଟଙ୍କା ଏବଂ ଗର୍ଭବତୀ ମହିଳା ବନ୍ଦୀଙ୍କ ପାଇଁ ୫୮.୫୭/-ଟଙ୍କାରୁ ୧୦୬.୮୦/-ଟଙ୍କାକୁ ବୃଦ୍ଧି କରାଯାଇଅଛି ।

### ୩.୬ କାରାଗାର ଶିଳ୍ପ

- ଅଗଷ୍ଟ ୨୦୨୨ ମାସ ଶେଷ ସୁଦ୍ଧା କାରାଗାରଶିଳ୍ପ ଓ ବଗିଚା ଉତ୍ପାଦନ ସାମଗ୍ରୀ ବାବଦକୁ ସମୁଦାୟ ୫୦.୨୧ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଅଛି ।
- କଟକ ର ଚୌଦ୍ୱାର ଠାରେ ଏକ ୱେଲ୍ଡିଂ ୟୁନିଟ୍ ର ସଂସ୍ଥାପନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି ।
- ମଣ୍ଡଳ କାରାଗାର, ବାରିପଦା ଠାରେ ତା ୧୧.୦୪.୨୦୨୨ ଠାରୁ ତା ୧୫.୦୪.୨୦୨୨ ରିଖ ପର୍ଯ୍ୟନ୍ତ ଆୟୋଜିତ ପଲ୍ଲୀଶ୍ରୀ ମେଳାରେ କାରାଗାର ନିର୍ମିତ ଜିନିଷ ଗୁଡିକୁ ବିକ୍ରୟ କରି ଟ.୩୨,୫୭୨ଙ୍କା ରାଜସ୍ୱ ଆଦାୟ କରାଯାଇଛି ।

- କାରାଗାରରେ କାର୍ଯ୍ୟରତ ବନ୍ଦୀମାନଙ୍କ ଦୈନିକ ପ୍ରୋତ୍ସାହନ ରାଶିକୁ ଯଥାକ୍ରମେ ଅଣକୁଶଳୀଙ୍କ ପାଇଁ ୫୦ ଟଙ୍କାରୁ ୯୫ ଟଙ୍କା ଅର୍ଧକୁଶଳୀଙ୍କ ପାଇଁ ୬୦ ଟଙ୍କାରୁ ୧୧୫ ଟଙ୍କା ଏବଂ କୁଶଳୀ ବନ୍ଦୀମାନଙ୍କ ପାଇଁ ୭୦ ଟଙ୍କାରୁ ୧୪୫ ଟଙ୍କା ବୃଦ୍ଧି କରାଯାଇଛି ।

## ୩.୭ ଦକ୍ଷତା ବୃଦ୍ଧି

- ଚୌଦ୍ୱାର କାରାଗାର ଠାରେ ଅନ୍ତେବାସୀ ମାନଙ୍କୁ ବିୟୁଟିସିଆନ ଏବଂ ହେୟାର କଟିଙ୍ଗ ଟ୍ରେନିଙ୍ଗ ନିମନ୍ତେ ବରିଷ୍ଠ କାରାଗାର ଅଧୀକ୍ଷକ ଏବଂ Indulge ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି ।

## ୩.୮ ଇ. ପ୍ରମାଣପତ୍ର

- ଭୁବନେଶ୍ୱର ଏବଂ କଟକ କାରାଗାରରେ ଇ.କଷ୍ଟୋଡି ପ୍ରମାଣପତ୍ର ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଅଛି ।

## ୩.୯ କଲ୍ୟାଣ କାର୍ଯ୍ୟକ୍ରମ

### କ) କଲ୍ୟାଣ ସେବାର ପ୍ରଗତିଶୀଳ ସଫଳତା:-

- ଯୋଗ ଏବଂ ଧ୍ୟାନ ମାଧ୍ୟମରେ ବନ୍ଦୀମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥରଖିବା ପାଇଁ ବିଭିନ୍ନ ପ୍ରକାର ଚିତ୍ତବିନୋଦନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି ।
- ଅନ୍ତେବାସୀଙ୍କ ମାନସିକ ଉତ୍ତେଜନାକୁ ଦୂର କରିବା ପାଇଁ ସ୍ୱୟଂଶାସିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା:- ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଇନର ହୁଇଲ୍ କ୍ଲବ୍ ଏବଂ ଆର୍ଟ୍ ଅଫ ଲିଭିଙ୍ଗ୍ ସଂସ୍ଥା ମାନେ କାରାଗାର ଗୁଡ଼ିକରେ ଯୋଗ, ଧ୍ୟାନ ଓ ଧାର୍ମିକ ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି ।
- ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ କଏଦୀଙ୍କୁ ମାଗଣା ଆଇନଗତ ସେବା ଓ ସହାୟତା ଯୋଗାଇ ଦିଆଯାଇଅଛି ।
- ଆଗ୍ରହୀ ନିରକ୍ଷର ବନ୍ଦୀମାନଙ୍କୁ ସାକ୍ଷର କରିବା ପାଇଁ ପୂର୍ଣ୍ଣକାଳୀନ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଅଛି, ଆଗ୍ରହୀ ବନ୍ଦୀମାନଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଓଡିଶା ବିଶ୍ୱବିଦ୍ୟାଳୟ ମାନଙ୍କରେ ଶିକ୍ଷା ଗ୍ରହଣ କରିବାର ସୁବିଧା ସୁଯୋଗ ପ୍ରଦାନ କରାଯାଇଛି ।

- ୨୦୨୨ ମସିହାରେ ୫୩ ଜଣ ବନ୍ଦୀ ବିଭିନ୍ନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ | ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲ | ମୋଟ |
|---|---|---|
| ୧୯ | ୩୪ | ୫୩ |

- ୨୦୨୨ରେ କାରାଗାରର ଉନ୍ନତି ଓ ପରିଚାଳନା ନିମନ୍ତେ ଏକ କାରାଗାର ଉନ୍ନତି ବୋର୍ଡ ଗଠନ କରାଯାଇଅଛି ।
- ରାଜ୍ୟର ସମସ୍ତ କାରାଗାର ଗୁଡିକରେ ଥିବା ଅନ୍ତେବାସୀ ମାନଙ୍କ ଉତ୍ତମ ଚଳଣୀ ତଦାରଖ ନିମନ୍ତେ ସରକାରୀ ଓ ଅଣ ସରକାରୀ ପରିଦର୍ଶକ ନିଯୁକ୍ତ ହୋଇଛନ୍ତି ।
- ଓଡିଶା କାରାଗାର ନିୟମାବଳୀ, ୨୦୨୦ ର ନିୟମ ୮୦୨ ଅନୁଯାୟୀ ପ୍ରତ୍ୟେକ କାରାଗାର ଗୁଡିକରେ ବନ୍ଦୀ ପଞ୍ଚାୟତ ପରିଷଦ ଗଠନ କରାଯାଇ ଉତ୍ତମ ମାନର ଖାଦ୍ୟ, ସ୍ୱଚ୍ଛତା ଏବଂ ପରିମଳ ବ୍ୟବସ୍ଥା ନିୟନ୍ତ୍ରିତ କରାଯାଉଅଛି ।
- ବିଭିନ୍ନ ବର୍ଗର ବନ୍ଦୀ ଯଥା- ବିଚାରାଧିନ, ଦୋଷୀ, ଉଭୟଲିଙ୍ଗୀ , ମହିଳା ଏବଂ ଶିଶୁ ମାନଙ୍କ ପାଇଁ ପୃଥକ ଭାବେ ସେଲ୍ ଏବଂ ୱାର୍ଡ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଅଛି ।

**ଖ) ପରିବୀକ୍ଷଣ ସେବାର ପ୍ରଗତିଶୀଳ ସଫଳତା:-**

| ବର୍ଷ | ନ୍ୟାୟାଳୟ କୁ ଦିଆଯାଇଥିବା ପ୍ରାରମ୍ଭିକ ତଦନ୍ତ ବିବୃତି | ସମୁଦାୟ ପରିବୀକ୍ଷଣାଧୀନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ଥିବା ସଂଖ୍ୟା | ପରିବୀକ୍ଷଣାଧୀନ ବ୍ୟକ୍ତି ବିଶେଷଙ୍କ ପର୍ଯ୍ୟବେକ୍ଷଣ ସମାପ୍ତି ପରେ ଥିବା ସଂଖ୍ୟା | ସମୁଦାୟ ବର୍ଷ ଶେଷରେ ପର୍ଯ୍ୟବେକ୍ଷଣ ଅବସ୍ଥାରେ ଥିବା ସଂଖ୍ୟା |
|---|---|---|---|---|
| ୦୧ | ୦୨ | ୦୩ | ୦୪ | ୦୫ |
| ୨୦୨୧-୨୨ | ୧୮୫୭ | ୬୫୨ | ୧୮୨ | ୪୭୦ |

# ଚତୁର୍ଥ ଅଧ୍ୟାୟ

## ୪ ଅଗ୍ନିଶମ ସେବା ସଂଗଠନ

ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ଓଡ଼ିଶାବାସୀଙ୍କ ଧନ, ଜୀବନକୁ ଅଗ୍ନି କବଳରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରିଆସୁଅଛି । ଭୟାବହ ଦୁର୍ଘଟଣାରୁ ଜନସାଧାରଣଙ୍କୁ ରକ୍ଷା କରିବା ସହ ଅଗ୍ନିଶମ ସେବା ସଂସ୍ଥା ସମସ୍ତ ପ୍ରକାରର ଦୁର୍ବିପାକ ଓ ମନୁଷ୍ୟକୃତ ବିପର୍ଯ୍ୟୟ, ବିସ୍ଫୋଟ, ଦୁର୍ଘଟଣା ଇତ୍ୟାଦି ସମୟରେ ସେବା କାର୍ଯ୍ୟରେ ପ୍ରଥମେ ଘଟଣା ସ୍ଥଳରେ ପହଞ୍ଚିଥାଏ । ପୂର୍ବରୁ ଘଟିତ ହୋଇଥିବା ସମସ୍ତ ପ୍ରକାରର ଦୁର୍ବିପାକ ସମୟରେ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣା ସ୍ଥଳରେ ପ୍ରଥମ ସାହାଯ୍ୟକାରୀ ଭାବରେ ପହଞ୍ଚି ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିବା ସହିତ ଉଚ୍ଚ ପ୍ରଶଂସିତ ହୋଇଅଛନ୍ତି ।

ବର୍ତ୍ତମାନ ରାଜ୍ୟରେ ୩୪୨ ଗୋଟି ଦମକଳକେନ୍ଦ୍ର କାର୍ଯ୍ୟ କରୁଅଛି । ଚଳିତ ଆର୍ଥିକ ୨୦୨୨-୨୩ ବର୍ଷରେ (ଏପ୍ରିଲ ୨୦୨୨ ଠାରୁ ଅକ୍ଟୋବର ୨୦୨୨) ୮୮୬୮ ଗୋଟି ଅଗ୍ନିକାଣ୍ଡ ଡାକରା ଓ ୧୬୩୨୩ ଗୋଟି ସ୍ୱତନ୍ତ୍ର ସେବା ଡାକରା ପାଇ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଅବିଳମ୍ବେ ସେବା ପ୍ରଦାନ କରାଯାଇଅଛି । ଯାହା ଫଳରେ ୫୨୩୪ ଗୋଟି ମନୁଷ୍ୟ ଜୀବନ, ୮୮୧୧ ଗୋଟି ପଶୁ ଜୀବନ ଅଗ୍ନିକାଣ୍ଡ ଜନୀତ ଓ ନଦୀ ପୋଖରୀରେ ବୁଡିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଅଛି ଏବଂ ଏଥିସହିତ ଅନ୍ୟୁନ ଟ.୧୩୫.୨୦କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା କରାଯାଇଅଛି ।

ଚଳିତ ବର୍ଷ ଅଗଷ୍ଟ ମାସରେ ଘଟିଥିବା ଭୟଙ୍କର ବନ୍ୟା ସମୟରେ ଅଗ୍ନିଶମ ସେବା କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ ବଣ୍ଟନରେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ। ଏହି ବନ୍ୟା ସମୟରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୪୨୩ ଜଣ ଅଗ୍ନିଶମ କର୍ମଚାରୀ ଉଦ୍ଧାର ଉପକରଣ ସହିତ ପ୍ରଭାବିତ ଜିଲ୍ଲାମାନଙ୍କରେ ନିୟୋଜିତ ହୋଇଥିଲେ । ବନ୍ୟା ସମୟରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା କିଛି ଉଦ୍ଧାର କାର୍ଯ୍ୟ ନିମ୍ନରେ ଦିଆଗଲା ।

| କ୍ରମିକ ସଂଖ୍ୟା | ତାରିଖ | ଉଦ୍ଧାର କାର୍ଯ୍ୟର ବିବରଣୀ |
|---|---|---|
| ୧ | ୭.୮.୨୦୨୨ | ଜୁନାଗଡ ଅଗ୍ନିଶମ କେନ୍ଦ୍ରର କର୍ମଚାରୀଙ୍କ ଦ୍ୱାରା ମାଟିଗାଁ ନିକଟ ହାତି ନଦୀରେ ବନ୍ୟା ଜଳରେ ବୁଡ଼ି ଯାଉଥିବା ଗାଡିରୁ 4 ଜଣଙ୍କୁ ଉଦ୍ଧାର କରାଯାଇଥିଲା। |
| ୨ | ୯.୮.୨୦୨୨ | ପୁରୁଷୋତ୍ତମପୁର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ହାଣ୍ଡିଗହର ଗାଁ ନିକଟ ଋଷିକୁଲ୍ୟା ନଦୀରେ ଭାସିଯାଉଥିବା ଜଣେ ବାଳକ ଶ୍ରୀ |

| | | |
|---|---|---|
| | | ସନ୍ତୋଷ କୁମାର ଦାସଙ୍କୁ ଉଦ୍ଧାର କରିଥିଲେ। |
| ୩ | ୧୫.୮.୨୦୨୨ | ଡମପଡା ଅଗ୍ନିଶମ କେନ୍ଦ୍ରର କର୍ମଚାରୀଙ୍କ ଦ୍ୱାରା କାଇମୁଣ୍ଡି ଗ୍ରାମ ନିକଟ ମହାନଦୀର ବନ୍ୟା ଜଳରୁ 400 ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। |
| ୪ | ୧୫.୮.୨୦୨୨ | ଏକ ମୋଟର ଚଳିତ କାଠ ଡଙ୍ଗାର ମୋଟର ଇଞ୍ଜିନ ବିଫଳ ହେବା କାରଣରୁ ମହାନଦୀର ବନ୍ୟା ଜଳରେ ବଙ୍ଗୋପସାଗର ଆଡକୁ ଭାସିଯାଉଥିବା ସମୟରେ ଅଗ୍ନିଶମ କର୍ମଚାରୀଙ୍କ ଏକ ଟିମ୍ ଦ୍ୱାରା ୭୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। |
| ୫ | ୧୬.୮.୨୦୨୨ | କଟକର ଗତିରାଉତପାଟଣା ଠାରେ ମହାନଦୀର ବନ୍ୟା ଜଳରେ ଫସିରହିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରାୟ 600 ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଅଗ୍ନିଶମ କର୍ମଚାରୀଙ୍କ ଏକ ଟିମ୍ ଦ୍ୱାରା ଉଦ୍ଧାର / ସ୍ଥାନାନ୍ତର କରଯାଇଥିଲା। |
| ୬ | ୧୬.୮.୨୦୨୨ | ପାଇକା ନଦୀର ବନ୍ୟା ଜଳରେ ଜଣେ ଝିଅ ଭାସିଯାଉଥିବା ବେଳେ ତିର୍ତ୍ତୋଲ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଉଦ୍ଧାର କରିଥିଲେ। |
| ୭ | ୧୬.୮.୨୦୨୨ | ଘଣ୍ଟିଖାଲର ନିଧିପୁର ନିକଟରେ ମହାନଦୀର ବନ୍ୟା ଜଳରେ ଭାସିଯାଉଥିବା ଏକ କାର ମଧ୍ୟରୁ ଚାରି ଜଣଙ୍କୁ ଆଠଗଡ଼ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଉଦ୍ଧାର କରିଥିଲେ। |
| ୮ | ୧୬.୮.୨୦୨୨& ୧୭.୮.୨୦୨୨ | ବାଲିପାଟଣା ଏବଂ କଟକଣା ଗାଁର ବନ୍ୟା ପ୍ଲାବିତ ଅଞ୍ଚଳରୁ ୪୪ ଜଣ ଲୋକ ଏବଂ ୧୫ ଗୋରୁଗାଈଙ୍କୁ ବାଲେଶ୍ୱର ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ଉଦ୍ଧାର କରିଥିଲେ । |
| ୯ | ୧୭.୮.୨୦୨୨ | ତିର୍ତ୍ତୋଲ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଲକ୍ ଛକ ବନ୍ୟା ପ୍ଲାବିତ ଅଞ୍ଚଳରୁ ଏକ ପରିବାରକୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। |
| ୧୦ | ୧୭.୮.୨୦୨୨ | କୁଜଙ୍ଗ ଥାନା ଅଧୀନରେ ଥିବା ଭଣ୍ଡୁଆ ଗାଁ ନିକଟସ୍ଥ ମହାନଦୀର ବନ୍ୟାଜଳରୁ 78 ଜଣଙ୍କୁ ଉଦ୍ଧାର କରାଯାଇଥିଲା। |
| ୧୧ | ୧୮.୮.୨୦୨୨ | ବାଲେଶ୍ୱର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ତେରମାଣପୁର ଗାଁର ବନ୍ୟା ପ୍ଲାବିତ ଅଞ୍ଚଳରୁ ୧୦୧ ଜଣ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। |
| ୧୨ | ୨୫.୮.୨୦୨୨ | ରାୟଗଡା ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ନାଗାବଳୀ ନଦୀର |

| | | |
|---|---|---|
| | | ବନ୍ୟା ଜଳରେ ଫସିରହିଥିବା ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ ଉଦ୍ଧାର କରିଥିଲେ । |
| ୧୩ | ୩.୯.୨୦୨୨ | ନଦୀରେ ଖସିପଡିଥିବା ଗୋଟିଏ କାରଗୋ କଣ୍ଟେନର ଟ୍ରକ ମଧ୍ୟରୁ ଡ୍ରାଇଭର ଏବଂ ହେଲପରଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଥିଲେ। |
| ୧୪ | ୯.୯.୨୦୨୨ | ଗୋଟିଏ ମୋଟର ଚଳିତ କାଠ ଡଙ୍ଗାର ମୋଟର ଖରାପ ଯୋଗୁଁ ପୋଟେରୁ ନଦୀରେ ଫସିରହିଥିବା ୩ ଜଣ ଲୋକଙ୍କୁ ପୋଡିଆ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଉଦ୍ଧାର କରିଥିଲେ। |

ଏହା ବ୍ୟତୀତ ରାଜ୍ୟରେ ବିଭିନ୍ନ ଅଗ୍ନି ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟ କରି ଅଗ୍ନିଶମ କର୍ମଚାରୀମାନେ ପ୍ରଶଂସନୀୟ ସେବା ପ୍ରଦାନ କରିଛନ୍ତି, ଯେଉଁଥିପାଇଁ ଜନସାଧାରଣଙ୍କର ଧନ ଜୀବନ ରକ୍ଷା କରାଯାଇପାରିଛି । ଚଳିତ ବର୍ଷ ରାଜ୍ୟରେ ଘଟିଥିବା କେତେକ ଗୁରୁତର ଅଗ୍ନି ଦୁର୍ଘଟଣା ର ବିବରଣୀ ନିମ୍ନରେ ଦିଆଗଲା ।

| କ୍ରମିକ ସଂଖ୍ୟା | ତାରିଖ | ଦୁର୍ଘଟଣାର ଅଞ୍ଚଳ | ପ୍ରଭାବିତ ସ୍ଥାନ | ରକ୍ଷା କରଯାଇଥିବା ସମ୍ପତ୍ତି ର ମୂଲ୍ୟ |
|---|---|---|---|---|
| ୧ | ୨୩.୫.୨୦୨୨ | ପାରଳାଖେମୁଣ୍ଡି, ଜି –ଗଜପତି | ପାରଳାଖେମୁଣ୍ଡି ଟାଉନ ହଲର ପାର୍କିଂ ସ୍ଥାନ | ଟ. ୬୦.୦୦ଲକ୍ଷ |
| ୨ | ୨.୬.୨୦୨୨ | ମୁନିଖୋଲ, ଥାନା-ମୁନିଗୁଡା, ଜି-ରାୟଗଡା | ନାବୁ ଅଟୋମୋବାଇଲ୍, ସ୍ପେୟାର୍ ପାର୍ଟ ଶୋ'ରୁମ୍ | ଟ.୫୦.୦୦ ଲକ୍ଷ |
| ୩ | ୬.୬.୨୦୨୨ | ମାଧବୀ ଟ୍ରେଡର୍ସ, ପାଟନାଗଡ଼, ବଲାଙ୍ଗିର | ଘର ଏବଂ ଗୋଦାମ | ଟ.୨୫.୦୦ ଲକ୍ଷ |
| ୪ | ୧୧.୭.୨୦୨୨ | ଖ୍ରୀଷ୍ଟିୟାନ ସାହି, ଥାନା-ଲାଲବଗ, ଜି-କଟକ | ସେକ. ସାଜିଦ ଅଲି ଙ୍କ ଘର | ଟ.୧୦.୦୦ ଲକ୍ଷ |
| ୫ | ୧୭.୭.୨୦୨୨ | ଧାରୁଆଖମନ, ଥାନା-କର୍ଲାମୁଣ୍ଡା, ଜି- | ଭାଗବତ ଦୟାଲ କେଡିଆଙ୍କ ଚାଉଳ | ଟ.୧.୦୦ କୋଟି |

| | | | | |
|---|---|---|---|---|
| | | କଳାହାଣ୍ଡି | ଗୋଦାମ | |
| ୬ | ୨.୮.୨୦୨୨ | ମଳାୟତିକ୍ର, ଲାପାଙ୍ଗ, ଥାନା-ଥେଲକୁଲି, ଜି-ସମ୍ବଲପୁର | ଚାରିଗୋଟି ମୋଟର ଯାନ | ଟ.୩୦.୦୦ ଲକ୍ଷ |
| ୭ | ୨୭.୮.୨୦୨୨ | ଦେଉଳିଛକ ଥାନା-ବାସୁଦେବପୁର, ଜି-ଭଦ୍ରକ | ଏକ ଗୋଟି ଘର | ଟ.୩୫.୦୦ ଲକ୍ଷ |
| ୮ | ୧୧.୯.୨୦୨୨ | ତେଲିପୋଖପାଲି, ଥାନା-ଗାଇସିଲେଟ, ଜି-ବରଗଡ଼ | ଏଲ ଏଣ୍ଡ ଟି ହୋସ ରୋଲ ପାଇପ ୟାର୍ଡ | ଟ.୧.୦୫ କୋଟି |
| ୯ | ୧୨.୯.୨୦୨୨ | କଡକଳା,ଥାନା-ନୟାକୋଟ, ଜି-କେନ୍ଦୁଝର | ଦୁଇ ଗୋଟି ପ୍ରୋକ୍ଲମ ମେସିନ ଏବଂ ଗୋଟିଏ କମ୍ପ୍ରେସର ମେସିନ | ଟ.୭୦.୦୦ ଲକ୍ଷ |
| ୧୦ | ୨୨.୯.୨୦୨୨ | ଚିତଲପୁର, ଥାନା-ବଲଙ୍ଗା, ଜି-ପୁରୀ | ଗୋଟିଏ ଟ୍ରକ | ଟ.୩୦.୦୦ ଲକ୍ଷ |

ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ନିୟମ-୨୦୧୭ ଅନୁଯାୟୀ ଚଳିତ ବର୍ଷ ୧୭୩୯ ଗୋଟି କୋଠାବାଡ଼ିକୁ ଅଗ୍ନି ନିରାପତ୍ତା ଦୃଷ୍ଟିରୁ ତଦାରଖ କରାଯାଇ ୧୨୩୩ ଗୋଟି କୋଠାବାଡି କୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଦିଆଯାଇଅଛି ଏବଂ ୫୦୬ ଗୋଟି ନିର୍ମିତ ହେବାକୁ ଥିବା କୋଠାବାଡ଼ି ଗୁଡ଼ିକରେ ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ବ୍ୟବସ୍ଥା କରିବାପାଇଁ ସୁପାରିଶ କରାଯାଇଅଛି ।

ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ମାସ ଶେଷ ଶୁଦ୍ଧା ୩.୨୮ କୋଟି ଟଙ୍କା ସରକାରୀ ରାଜସ୍ୱ ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି । ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ଓଡିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ, ଭୁବନେଶ୍ୱରରେ ବାହାର ରାଜ୍ୟ/ ବିଭାଗର ୧୫୦ ଜଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ପ୍ରଶିକ୍ଷଣ ଦେୟ ବାବଦକୁ ଟ. ୧୨,୬୮,୭୫୦/- ଙ୍କା ଆଦାୟ କରି ସରକାରୀ ତହବିଲରେ ଜମା କରାଯାଇଅଛି ।

ଗତ ୧୫ ଅଗଷ୍ଟ, ୨୦୨୨ ସ୍ୱାଧିନତା ଦିବସ ଅବସରରେ ୩ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ଉଲ୍ଲେଖନୀୟ ଜନସେବା ପାଇଁ ରାଷ୍ଟ୍ରପତି ସେବା / ବିଶିଷ୍ଟ ସେବା ପଦକ ପାଇବା ନିମନ୍ତେ ଘୋଷଣା କରାଯାଇଅଛି ।

ଚଳିତ ବର୍ଷ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ, ମୟୂରଭଞ୍ଜ ଜିଲ୍ଲାର ଚାନ୍ଦୁଆ ଏବଂ ଯାଜପୁର ଜିଲ୍ଲାର ବରୁଆଁ ଠାରେ ୩ ଟି ନୂତନ ଅଗ୍ନିଶମ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି ।

ବିପର୍ଯ୍ୟୟ ଏବଂ ଜରୁରୀକାଳିନ ପରିସ୍ଥିତିରେ ତୁରନ୍ତ ସେବା ଯୋଗାଇଦେବା ପାଇଁ ଓଡିଶା ଅଗ୍ନିଶମ ସେବା ସଂସ୍ଥାରେ ଏକ "ଷ୍ଟ୍ରାଇକିଙ୍ଗ ଫାୟାର ଫୋର୍ସ" ଗଠନ ନିମନ୍ତେ ସରକାର ବିଭିନ୍ନ ବର୍ଗର ୧୪୪ ଗୋଟି ପଦବୀ ମଞ୍ଜୁର କରିଛନ୍ତି । ଏହି ଷ୍ଟ୍ରାଇକିଙ୍ଗ ଫାୟାର ଫୋର୍ସ ୩ ଟି ୟୁନିଟରେ ପ୍ରତ୍ୟେକ ୟୁନିଟରେ ୪୮ ଅଗ୍ନିଶମ କର୍ମଚାରୀଙ୍କୁ ନେଇ ୩ ଟି ରେଞ୍ଜ ମୁଖ୍ୟାଳୟରେ କାର୍ଯ୍ୟ କରୁଅଛି ।

ଚଳିତ ବର୍ଷରେ ୩ ଟି ଅଗ୍ନିଶମ କେନ୍ଦ୍ରର ଗୃହ, OSWALI, ରାମଚଣ୍ଡୀଠାରେ ପ୍ରଶାସନିକ ଗୃହ ଏବଂ ୫୦ ଟି ଅଗ୍ନିଶମ କେନ୍ଦ୍ରରେ ୩୧୨ ଗୋଟି ବାସଗୃହ ନିର୍ମାଣ ନିମନ୍ତେ ୪୨.୮୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

# ପଞ୍ଚମ ଅଧ୍ୟାୟ

## ୫. ବେସାମରିକ ପ୍ରତିରକ୍ଷା ସଂଗଠନ

ବେସାମରିକ ପ୍ରତିରକ୍ଷା ଅଧିନିୟମ ୧୯୬୮ ଅନୁଯାୟୀ ସମଗ୍ର ଭାରତରେ ବେସାମରିକ ପ୍ରତିରକ୍ଷା ସଂଗଠନ କାର୍ଯ୍ୟକ୍ଷମ ହୋଇଆସୁଅଛି । ଯୁଦ୍ଧକାଳୀନ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଏହି ସଂଗଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିପାରିଥିଲା । ସାଂପ୍ରତିକ ପରିସ୍ଥିତିରେ ଏହି ସଂଗଠନ ଜନସାଧାରଣଙ୍କୁ ବହିଃଶତ୍ରୁ ଆକ୍ରମଣର ମୁକାବିଲା ଓ ପ୍ରସ୍ତୁତି କରିବା ସହିତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପ୍ରେରଣା ଯୋଗାଇଆସୁଅଛି । ଅଧିନିୟମ ଅନ୍ତର୍ଗତ ସଂଗଠନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବଜାୟ ରଖି ଏହି ବାହିନୀକୁ ବିପର୍ଯ୍ୟୟ ପରିଚାଳନାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଅଛି ।

ଓଡିଶାର ପାଞ୍ଚଟି ସହର ଯଥା ଭୁବନେଶ୍ୱର, କୋରାପୁଟ, ପାରାଦୀପ, ରାଉରକେଲା ଏବଂ ତାଳଚେରରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟ କରୁଥିଲା । ବେସାମରିକ ପ୍ରତିରକ୍ଷା ପୁନର୍ଗଠନ ଯୋଜନାନୁଯାୟୀ, ଭାରତ ସରକାରଙ୍କ ଦ୍ୱାରା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ଢେଙ୍କାନାଳ ଭଳି ପାଞ୍ଚଟି ଜିଲ୍ଲାକୁ ବହୁମୁଖୀ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବରେ ଘୋଷଣା କରାଯାଇଅଛି । ଏହିପରି ଭାବରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, କୋରାପୁଟ ଓ ସୁନ୍ଦରଗଡ ଆଦି ନଅଗୋଟି ଜିଲ୍ଲାରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟକ୍ଷମ ହୋଇଛି । ପୁନଶ୍ଚ ବେସାମରିକ ପ୍ରତିରକ୍ଷା ସଙ୍ଗଠନକୁ ବିପର୍ଯ୍ୟୟ ଓ ବିପତ୍ତି ହ୍ରାସ ଜନିତ କାର୍ଯ୍ୟକ୍ରମର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏକ ନୂତନ କାର୍ଯ୍ୟକ୍ରମ ରୂପାୟନ କରି ପୁରୀ ଓ ଗଞ୍ଜାମ ଜିଲ୍ଲାକୁ ମଧ୍ୟ ଏଥିସହିତ ସାମିଲ କରାଯାଇଅଛି ।

ବେସାମରିକ ପ୍ରତିରକ୍ଷା ସଂଗଠନରେ ତାଲିମ ପ୍ରଦାନ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ । ବିଭିନ୍ନ ଅଞ୍ଚଳରୁ ତଥା ବିଭିନ୍ନ ବର୍ଗରୁ ସ୍ୱେଚ୍ଛାସେବୀ ଗ୍ରହଣ କରି ବେସାମରିକ ପ୍ରତିରକ୍ଷା ସଂଗଠନ ମାଧ୍ୟମରେ ଜନସଚେତନତା ସହିତ ଏକୀଭୂତ ତାଲିମ ଶିବିରମାନ ଆୟୋଜନ କରାଯାଉଅଛି । ବେସାମରିକ ପ୍ରତିରକ୍ଷା ସଂଗଠନରେ ବିଭିନ୍ନ ବର୍ଗରେ କର୍ମଚାରୀ ଏବଂ ଅଧିକାରୀ ମାନଙ୍କର ଘୋର ଅଭାବ ସତ୍ତ୍ୱେ ଉଭୟ ଅଗ୍ନିଶମ ଏବଂ ବେସାମରିକ ପ୍ରତିରକ୍ଷା ଏକୀକୃତ ଶାସନାଧୀନ ହୋଇଥିବାରୁ ଅଗ୍ନିଶମ ସେବା ବାହିନୀ ସହ

ସମନ୍ୱୟ ରକ୍ଷାକରି କାର୍ଯ୍ୟକାରୀ ହେଉଅଛି । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ତାଲିମ କାର୍ଯ୍ୟକ୍ରମ କରାଯାଇ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ବିପତ୍ତି ନିସ୍ତାର ଓ ସୁରକ୍ଷା ଜନିତ ସଚେତନତା ସୃଷ୍ଟି କରାଯାଇଅଛି । ଓଏସଡିଏମଏ, ରାଜ୍ୟ ରେଡ କ୍ରସ ତଥା ଅନ୍ୟାନ୍ୟ ବେସରକାରୀ ସଂଗଠନ ସହଭାଗିତାରେ ବିପର୍ଯ୍ୟୟ ସମ୍ବନ୍ଧିତ ତାଲିମ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଅଛି ।

କୋଭିଡ-୧୯ ଭୁତାଣୁ ଦ୍ୱାରା ବ୍ୟାପିଥିବା ମହାମାରୀର ପ୍ରାରମ୍ଭରୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକଗଣ ତଦାରଖ, ସଂକ୍ରମଣ ଚିହ୍ନଟ ଓ ରୋଗୀ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ଖୋଜଖବର ନେବା ଇତ୍ୟାଦି କୋଭିଡ-୧୯ ନିରାକରଣ କାର୍ଯ୍ୟରେ ସେବାପ୍ରଦାନ କରିଅଛନ୍ତି । ଏତଦ୍ ବ୍ୟତୀତ ବିଭିନ୍ନ ଶାଖାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ଲକ୍ ଡାଉନ, ସଟ୍ ଡାଉନ ସମୟରେ ଗୋଷ୍ଠୀ ସଚେତନତା, ଖାଦ୍ୟ ବଣ୍ଟନ, ସର୍ବସାଧାରଣ ସ୍ଥାନରେ ପରିମଳକରଣ / ଜୀବାଣୁନାଶନ, ସଙ୍ଗରୋଧ କେନ୍ଦ୍ରର ତଦାରଖ ଓ ପରିଚାଳନା, ସାମାଜିକ ଦୂରତା ରକ୍ଷାରେ ପୋଲିସର ସହାୟତା, ପେନସନ ଭୋଗୀଙ୍କୁ ସୁରକ୍ଷିତ ଭାବେ ଧାଡିରେ ପଠାଇବା, ମାସ୍କ (ମୁଖା) ଓ ଗ୍ଲୋଭସ ବଣ୍ଟନ ଇତ୍ୟାଦିରେ ସେବାପ୍ରଦାନ କରିଛନ୍ତି । ୧୦୯ ଜଣ ତାଲିମ ପ୍ରାପ୍ତ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଓଡିଶାର ବିଭିନ୍ନ ସଦରମହକୁମା ଓ ବେସରକାରୀ ସଂସ୍ଥାର ଜନସାଧାରଣଙ୍କୁ ଆପଦାମିତ୍ର ଓ ସେଲଟରଲେବୁଲର ତାଲିମମାନ ଓଡିଶାର ବିଭିନ୍ନ ଜିଲ୍ଲାରେ ପ୍ରଦାନ କରୁଅଛନ୍ତି । ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କର ଏତାଦୃଶ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଚଳିତ ୨୦୨୨-୨୩ ବର୍ଷରେ ଏହି ସଂଗଠନର ତିନି ଜଣ ସ୍ୱେଚ୍ଛାସେବୀ ମହାମାନ୍ୟ ରାଷ୍ଟ୍ରପତିଙ୍କ ପ୍ରଦତ୍ତ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଅତିବିଶିଷ୍ଟ ସେବାପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି ।

# ଷଷ୍ଠ ଅଧ୍ୟାୟ

## ୬. ଗୃହରକ୍ଷୀ ସଂଗଠନ

ରାଜ୍ୟର ସମସ୍ତ ଗୃହରକ୍ଷୀ ସ୍ୱେଚ୍ଛାସେବୀଗଣ ଓଡିଶା ପୁଲିସ ଓ ଅଗ୍ନିଶମ ସେବା ସଂସ୍ଥାର ଏକ ସହାୟକ ବାହିନୀ ଭାବେ ସମାଜ ତଥା ନାଗରିକ ମାନଙ୍କୁ ନିଷ୍କାମ ସେବା ପ୍ରଦାନ କରି ଆସୁଅଛନ୍ତି । ରାଜ୍ୟର ଗୃହରକ୍ଷୀ ସ୍ୱେଚ୍ଛାସେବୀମାନେ ଆଭ୍ୟନ୍ତରୀଣ ସୁରକ୍ଷା, ଆଇନ ଶୃଙ୍ଖଳା, ଅପରାଧ ନିରାକରଣ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସୁରକ୍ଷା,ଟ୍ରାଫିକ ନିୟନ୍ତ୍ରଣ, ରାତ୍ରିକାଳୀନ ପହରା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିବାରେ ନିୟୋଜିତ ହୋଇଛନ୍ତି । ଓଡିଶା ସରକାର ୧୯୬୧ ମସିହାରେ ଓଡିଶା ଗୃହରକ୍ଷୀ ଅଧିନିୟମ ପ୍ରଣୟନ କରି ଏହି ବାହିନୀ କୁ ଗଠନ କରିଥିଲେ । ପରେ ଏହାକୁ ସୁସଂଗଠିତ ସଂସ୍ଥାରେ ପରିଣତ କରିବା ପାଇଁ ସରକାର ୧୯୬୨ ମସିହାରେ ଓଡିଶା ଗୃହରକ୍ଷୀ ନିୟମାବଳୀ ପ୍ରବର୍ତ୍ତନ କରିଥିଲେ ।

ଆମ ରାଜ୍ୟରେ ବର୍ତ୍ତମାନ ୧୭,୬୭୫ ଜଣ ଗୃହରକ୍ଷୀ ଅଛନ୍ତି । ତନ୍ମଧ୍ୟରୁ ୧୦୦ ଜଣ ଗୃହରକ୍ଷୀ ବିଭିନ୍ନ ଦେଶରୁ ଆସୁଥିବା ପରିଭ୍ରମଣକାରୀ ମାନଙ୍କର ସୁରକ୍ଷା ନିମନ୍ତେ ପୁରୀ ସମୁଦ୍ର କୂଳରେ ଜୀବନ ରକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ୨୦୨୨ ମସିହାରେ (ତା. ୦୧.୦୧୨୦୨୨ ରିଖ ଠାରୁ ତା ୧୫.୧୨.୨୦୨୨ ରିଖ ସୁଦ୍ଧା) ଜୀବନ ରକ୍ଷାକାରୀ ଗୃହରକ୍ଷୀମାନେ ୧୫୧ ଟି ଉଦ୍ଧାର ଡାକରା ପାଇଛନ୍ତି ଏବଂ ସେମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମ ପାଇଁ ସମୁଦ୍ରରେ ବୁଡି ଯାଉଥିବା ୧୬୧ ଜଣ ବ୍ୟକ୍ତିଙ୍କ ଜୀବନ ରକ୍ଷା ହୋଇପାରିଛି ।

୨୦୨୨ ମସିହା ସାଧାରଣତନ୍ତ୍ର ଦିବସ ଅବସର ରେ ଶ୍ରୀ ଜୟନ୍ତ କୁମାର ପଟେଲ, କମ୍ପାନୀ କମାଣ୍ଡର, ଗୃହରକ୍ଷୀ, ସୁନ୍ଦରଗଡ, ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ, ପ୍ଲାଟୁନ କମାଣ୍ଡର, ଗୃହରକ୍ଷୀ, ଜଗତସିଂହପୁର, ଶ୍ରୀ ମାୟାଧର ସୂତାର, ପ୍ଲାଟୁନ କମାଣ୍ଡର, ଗୃହରକ୍ଷୀ, ଜଗତସିଂହପୁର ଙ୍କୁ

ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ପ୍ରସନ୍ନ ହୋଇ "ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପ୍ରଶଂସନୀୟ ସେବା ପଦକ" ପ୍ରଦାନ କରିଛନ୍ତି ।

ଏତଦ୍ ବ୍ୟତୀତ ୨୦୨୨ ମସିହା ସ୍ୱାଧୀନତା ଦିବସ ଉପଲକ୍ଷେ ଶ୍ରୀ ରୋହିତ ସାହୁ , କମ୍ପାନୀ କମାଣ୍ଡର, ଗୃହରକ୍ଷୀ ଏବଂ ଶ୍ରୀ ବିନୋଦ କୁମାର ପାଢୀ, କମ୍ପାନୀ କମାଣ୍ଡର, ଗୃହରକ୍ଷୀ, ରାଉରକେଲା ଉଭୟଙ୍କୁ ଉଲ୍ଲେଖନୀୟ ସେବା ପାଇଁ "ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବିଶିଷ୍ଟ ସେବା ପଦକ" ଏବଂ ଶ୍ରୀ ଏସ. ପର୍ଶୁରାମ ରେଡ୍ଡୀ, ଗୃହରକ୍ଷୀ, ଶ୍ରୀ ପ୍ରଦୀପ କୁମାର ଶତପଥୀ ଗୃହରକ୍ଷୀ, ଗଞ୍ଜାମ ଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ପ୍ରସନ୍ନ ହୋଇ "ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପ୍ରଶଂସନୀୟ ସେବା ପଦକ" ପ୍ରଦାନ ନିମନ୍ତେ ମନୋନୀତ କରିଛନ୍ତି ।

ଏତଦଭିନ୍ନ ଆମ ରାଜ୍ୟର ୧୩ ଜଣ ଗୃହରକ୍ଷୀଙ୍କୁ "ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାର୍ଷିକ ଦିବସ" ୬ ଡିସେମ୍ବର ,୨୦୨୨ ଅବସରରେ "ଡି.ଜି.ସି.ଡି ପଦକ ଓ ପ୍ରଶଂସା ପତ୍ର" ପ୍ରଦାନ ନିମନ୍ତେ ଘୋଷଣା କରାଯାଇଛି ।

# ସପ୍ତମ ଅଧ୍ୟାୟ

## ୭. ନ୍ୟାୟପାଳିକା

## ୭.୧ ଭିତ୍ତିଭୂମି

ନ୍ୟାୟପାଳିକା ଅନୁଷ୍ଠାନରେ ଭିତ୍ତିଭୂମିର ସୁବିଧାସୁଯୋଗ ମୁଖ୍ୟ ଗୁରୁତ୍ୱ ବହନ କରେ । ଦୂର ଦୂରାନ୍ତ ଅଞ୍ଚଳରେ ନ୍ୟାୟ ପ୍ରଦାନ ଓ ନ୍ୟାୟପ୍ରଦାନ ବ୍ୟବସ୍ଥାର ଆନୁଷ୍ଠାନିକ ଉପସ୍ଥିତି ଅପରିହାର୍ଯ୍ୟ । ତେଣୁ ରାଜ୍ୟସରକାର ନ୍ୟାୟପାଳିକାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥି ନିମିତ୍ତ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୨୦୯.୪୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଇତ୍ୟବସରରେ ୫ ଗୋଟି ଅଦାଲତ ଗୃହ ଓ ନ୍ୟାୟାଧୀଶ ତଥା ଅନ୍ୟ କର୍ମଚାରୀମାନଙ୍କ ପାଇଁ ୯୦ ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷହୋଇଛି । ୩୧.୦୩.୨୦୨୩ ସୁଦ୍ଧା ୧୪ ଗୋଟି ଅଦାଲତ ଗୃହ ଓ ୩୨ ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି, ୯୪ ଟି କୋର୍ଟ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଛି ଓ ୨୮ ଗୋଟି ସମ୍ବେଦନଶୀଳ ସାକ୍ଷୀ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି । ଅଧିକନ୍ତୁ, ନ୍ୟାୟିକ ଇତିହାସ ଓ ଐତିହ୍ୟକୁ ସଂରକ୍ଷଣ କରିବାପାଇଁ ଏକ ନ୍ୟାୟିକ ଅଭିଲେଖାଗାର ପ୍ରତିଷ୍ଠା କରାଯାଇଛି ।

## ୭.୨ ନୂତନ ଓ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା

ସମାଜର ମୂଳସ୍ତରରେ ଏବଂ ସବୁବର୍ଗର ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଅଙ୍ଗୀକାରବଦ୍ଧତା ସରକାର ପୁନରାବୃତ୍ତି କରିଛନ୍ତି । ନ୍ୟାୟସେବା ପରିସରକୁ ଅଧିକ ବ୍ୟାପକ ଓ ସୁଲଭ ମୂଲ୍ୟରେ ସହଜଲଭ୍ୟ କରିବା ପାଇଁ ସରକାର ଦୂର ଓ ଅଗମ୍ୟ ଜିଲ୍ଲାଗୁଡିକରେ ୫ଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ୧ ଟି ଗ୍ରାମ ନ୍ୟାୟାଳୟ, ୬ ଟି ସିନିୟର ସିଭିଲ ଜଜ-ତଥା-ସହାୟକ ଦୌରା ଜଜ୍ ଅଦାଲତ, ୮ ଗୋଟି କମର୍ସିଆଲ କୋର୍ଟ, ୧ଟି ପରିବାର ଅଦାଲତ ପ୍ରତିଷ୍ଠା କରିଛନ୍ତି । ଅନୁରୂପ ଭାବରେ ୫ଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ,୧ଟି ପରିବାର ଅଦାଲତ, ପକ୍ସୋ ଆଇନ-୨୦୧୨ ବଳରେ ୫ଟି ସ୍ୱତନ୍ତ୍ର ଅଦାଲତ କାର୍ଯ୍ୟକ୍ଷମ କରାଯାଇଛି । ଏତଦ୍ ବ୍ୟତୀତ ୨୫ ଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ କଗ୍‌ନିଜାନ୍‌ସ ଟେକିଂ କୋର୍ଟଭାବରେ ନାମିତ କରାଯାଇଛି । ଇତ୍ୟବସରରେ, ୮୫୧୨୨ ଦେୱାନୀ ଓ ୩୬୨୬୧୧ ଫୌଜଦାରୀ ମାମଲା ଫଇସଲା ହୋଇଯାଇଛି ।

## ୭.୩ କୋର୍ଟ ଆଧୁନିକୀକରଣ

ବର୍ତ୍ତମାନ ଯୁଗର ଚାହିଦା ସହିତ ତାଳଦେଇ ଚାଲିବାପାଇଁ ସରକାର କୋର୍ଟ ସଂଗଠନର ଆଧୁନିକୀକରଣ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଆଭାସୀ ପ୍ରକ୍ରିୟାରେ କୋର୍ଟ କେଶଗୁଡିକର ଶୁଣାଣି ତଥା ସିଧା ପ୍ରସାରଣ ସହ ଅନେକ ଗୁଡିଏ କାର୍ଯ୍ୟକ୍ରମ, ଯଥା ସୁଦୃଢ ତଥା ବଳିଷ୍ଠ ଇଣ୍ଟରନେଟ୍ ସଂଯୋଗୀକରଣ, କାଗଜ ବିହୀନ କୋର୍ଟ କାର୍ଯ୍ୟ, ସ୍କାନିଂ ଓ ଡିଜିଟାଇଜେସନ, ଇ-ପାଠାଗାର, ଇ-

ପୈଠ, କୋର୍ଟ ଅର୍ଡର ପାଇବା ପାଇଁ ୱେବସାଇଟ ଆଦି ପ୍ରବର୍ତ୍ତନ କରାଯାଇଛି । ଏହା ସହିତ ବିଚାର ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଅଦାଲତ, ପ୍ରକୋଷ୍ଠ ଓ ଘରେ ବସି ସ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ କରିବାପାଇଁ ୫୪୭ ଟି ଲାପଟପ୍ ଓ ୫୦୪ ଟି ବହୁମୁଖୀ-କାର୍ଯ୍ୟନିର୍ବାହୀ ପ୍ରିଣ୍ଟର ଯୋଗାଇ ଦିଆଯାଇଛି ।

## ୭.୪ ମାନବ ସମ୍ବଳ

ନ୍ୟାୟପାଳିକାରେ ଆବଶ୍ୟକୀୟ ମାନବସମ୍ବଳ ଯୋଗାଇଦେବା ପାଇଁ ୨୦୨୨-୨୩ ବର୍ଷରେ ୪୧ ଟି ବିଚାରବିଭାଗୀୟ ଅଧିକାରୀ ପଦବୀ, ୫୫୭ ଟି ଗ-ଶ୍ରେଣୀର କର୍ମଚାରୀ ପଦବୀ ପୂରଣ କରାଯାଇଛି । ଉଚ୍ଚ ନ୍ୟାୟାଳୟ ଓ ଅଧସ୍ତନ ନ୍ୟାୟାଳୟରେ ୪୦୮ ଟି ବିଭିନ୍ନ ବର୍ଗର ପଦବୀ ସୃଷ୍ଟି କରାଯାଇଛି । ଏତଦ୍‌ବ୍ୟତୀତ ଆଭାସୀ ପ୍ରକ୍ରିୟାରେ କୋର୍ଟ କେଶଗୁଡିକର ଶୁଣାଣି ତଥା ସିଧା ପ୍ରସାରଣ କାର୍ଯ୍ୟରେ ସାହାଯ୍ୟକରିବାପାଇଁ ୮୬ ଜଣ କୁଶଳୀ ଟେକ୍‌ନିକାଲ କର୍ମଚାରୀଙ୍କୁ ଠିକାଭିତ୍ତିକ ନିଯୁକ୍ତି ଦିଆଯାଇଛି ।

## ୭.୫ ଓଡିଶା ଜୁଡିସିଆଲ ଏକାଡେମି

ବିଚାରବିଭାଗୀୟ ଅଧିକାରୀମାନଙ୍କୁ ତାଲିମଦେବାରେ ଓଡିଶା ଜୁଡିସିଆଲ ଏକାଡେମି ଏକ ଅଗ୍ରଣୀ ସଂସ୍ଥା । ବିଚାରବିଭାଗୀୟ ଅଧିକାରୀମାନଙ୍କୁ ସେମାନଙ୍କ ନ୍ୟାୟିକ ସେବା ସମୟରେ ମଧ୍ୟବର୍ତ୍ତୀକାଳୀନ ତାଲିମ, ନୂତନଭାବେ ନିଯୁକ୍ତ ଅଧିକାରୀମାନଙ୍କୁ ତାଲିମ ତଥା ଅନେକଗୁଡିଏ ସ୍ୱଳ୍ପମିଆଦୀ ତାଲିମ ପ୍ରଦାନ କରାଯାଉଛି । ଏତଦ୍‌ବ୍ୟତୀତ, ନ୍ୟାୟପ୍ରଦାନ କ୍ଷେତ୍ରରେ ନୂତନ ବିଚାରଧାରା ଉପରେ ଏହି ସଂସ୍ଥା କର୍ମଶାଳା ଓ ପାଠଚକ୍ର ଆୟୋଜନ କରୁଛନ୍ତି । ଏହି ସଂସ୍ଥା ୨୦୨୨-୨୩ ବର୍ଷରେ ୧୨୧୯ ଜଣ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଛି ।

# ଅଷ୍ଟମ ଅଧ୍ୟାୟ

## ୮. ନିର୍ବାଚନ

୧. ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ହଟ୍ ଷ୍ଟାମ୍ପ୍ଡ଼ ହୋଲୋଗ୍ରାମ ସଂଯୁକ୍ତ ନୂତନ ସୁରକ୍ଷା ବିଶିଷ୍ଟ ଭୋଟର ପରିଚୟ ପତ୍ରର ପ୍ରବର୍ତ୍ତନ କରାଯାଇଛି । ନୂତନ ସୁରକ୍ଷା ବୈଶିଷ୍ଟ୍ୟଯୁକ୍ତ ଭୋଟର ପରିଚୟ ପତ୍ରର ପ୍ରସ୍ତୁତିକରଣ ନିମନ୍ତେ ପ୍ରିଣ୍ଟ ସର୍ଭିସ୍ ପ୍ରୋଭାଇଡର ଓ ହୋଲୋଗ୍ରାଫିକ ହଟ୍ ଷ୍ଟାମ୍ପ୍ ଫୋଏଲ ଲଗାଇ ଦେବା ନିମନ୍ତେ ସଂସ୍ଥା ମୁକ୍ତ ଚୟନ ପ୍ରକ୍ରିୟାରେ ଚୟନ କରାଯାଇଛି ।

୨. ୦୧.୦୧.୨୦୨୩ କୁ ଯୋଗ୍ୟତା ତାରିଖ ରୂପେ ଗ୍ରହଣ କରି ଫଟୋ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ୦୯.୧୧.୨୦୨୨ ରୁ ଆରମ୍ଭ ହୋଇ ୦୫.୦୧.୨୦୨୩ ରେ ସମ୍ପୂର୍ଣ୍ଣ ହୋଇଥିଲା । ଉକ୍ତ ସଂଶୋଧନ ପ୍ରକ୍ରିୟା ଯୋଗେ ୫,୯୪,୬୧୩ ସଂଖ୍ୟକ ନୂତନ ଭୋଟରଙ୍କ ନାମ ଭୋଟର ତାଲିକାରେ ସଂଶ୍ଳିଷ୍ଟ କରାଯାଇଥିଲା । ନିର୍ବାଚକଙ୍କ ମୃତ୍ୟୁ, ସ୍ଥାନାନ୍ତର କିମ୍ବା ଏକାଧିକ ସ୍ଥାନରେ ନାମର ପଞ୍ଜିକରଣ ଯୋଗୁଁ ଭୋଟର ତାଲିକାରୁ ୩,୨୦,୫୦୬ସଂଖ୍ୟକ ମତଦାତାଙ୍କ ନାମ ବାଦ ଦିଆଯାଇଛି ।

୩. ଏକାଧିକ ସ୍ଥାନରେ କିମ୍ବା ଗୋଟିଏ ସ୍ଥାନରେ ଏକାଧିକ ଥର ପଞ୍ଜିକୃତ ନାମ ଗୁଡିକୁ ଭୋଟର ତାଲିକାରୁ ବାଦ ଦେବା ନିମନ୍ତେ ଭାରତ ନିର୍ବାଚନ ଆୟୋଗ ଆଧାର ତଥ୍ୟକୁ ଭୋଟର ତାଲିକା ତଥ୍ୟ ସହ ସଂଶ୍ଳିଷ୍ଟ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି । ଏଥି ନିମନ୍ତେ ବର୍ତ୍ତମାନ ସୁଦ୍ଧା ୨,୫୪,୯୪,୦୭୨ ମତଦାତାଙ୍କ ଠାରୁ ଆଧାର ତଥ୍ୟ ସଂଗ୍ରହ କରାଯାଇଛି ।

୪. ଗତ ତା ୨୫.୦୧.୨୦୨୩ ରିଖ ଦିନ ରାଜଧାନୀ ଠାରୁ ବୁଥ ପର୍ଯ୍ୟନ୍ତ ସମଗ୍ର ଦେଶରେ ତ୍ରୟୋଦଶ ଜାତୀୟ ଭୋଟର ଦିବସ ପାଳନ କରାଯାଇଥିଲା । ରାଜ୍ୟ ସ୍ତରୀୟ ଭୋଟର ଦିବସ ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପ ଠାରେ ପାଳନ କରଯାଇଥିଲା । ଉକ୍ତ ଉତ୍ସବକୁ ଓଡ଼ିଶାର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଷି ଲାଲ ଉଦ୍ ଘାଟନ କରି ଉପସ୍ଥିତ ବ୍ୟକ୍ତି ସମୂହଙ୍କୁ ଭୋଟର ଶପଥ ପାଠ କରାଇଥିଲେ । ଉକ୍ତ ଉତ୍ସବରେ ନୂତନ ଭାବେ ପଞ୍ଜିକୃତ ଯୁବ ଭୋଟରଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଜାତୀୟ ଭୋଟର ଦିବସ ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ସେହିଭଳି ନିର୍ବାଚନ ଅଧିକାରୀଙ୍କ ଭଲ କାର୍ଯ୍ୟକୁ ମଧ୍ୟ ସ୍ୱୀକୃତି ଦିଆଯାଇଥିଲା |

୫. ଭୋଟର ତାଲିକାରେ ନାମ ପଞ୍ଜିକରଣ ଓ ମତଦାନ ପ୍ରକ୍ରିୟାରେ ସକ୍ରିୟ ଯୋଗଦାନ ନିମନ୍ତେ ଯୁବ ଭୋଟର ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସୁଇଭ୍ (SVEEP) କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଇଲେକ୍ଟୋରାଲ ଲିଟେରେସି କ୍ଲବ୍ ଗୁଡିକୁ ସକ୍ରିୟ କରାଯାଇଥିଲା ଏବଂ କ୍ୟାମ୍ପସ ଆମ୍ବାସଡର ମାନଙ୍କ ସହାୟତାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷାର୍ଥୀ ମାନଙ୍କୁ ମତଦାନ ପ୍ରକ୍ରିୟାରେ ଯୋଗଦାନ ନିମନ୍ତେ ପ୍ରବର୍ତ୍ତାଯାଇଥିଲା ।

୬. ଓଡ଼ିଶାରେ ବସବାସ କରୁଥିବା ୧୩ ଗୋଟି ବିଭିନ୍ନ ବିଶେଷ ଭାବେ ଅସୁରକ୍ଷିତ ଜନଜାତି (PVTG) ଙ୍କ କ୍ଷେତ୍ରରେ ଶତ ପ୍ରତିଶତ ପଞ୍ଜିକରଣ ହାସଲ କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ, ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ବୁଥ ସ୍ତରୀୟ ଅଧିକାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗିତାରେ ଉପରୋକ୍ତ ସଫଳତା ହାସଲ କରାଯାଇ ପାରିଛି ।

୭. **ନିର୍ବାଚନ ପରିଚାଳନା** :- ଏହି ବିଭାଗ ବିଭିନ୍ନ ବିଧାନସଭା ଓ ଲୋକସଭା ନିର୍ବାଚନ ପରିଚାଳନା କରେ । ଏତଦବ୍ୟତୀତ ରାଷ୍ଟ୍ରପତି ଏବଂ ଉପ- ରାଷ୍ଟ୍ରପତି ନିର୍ବାଚନ କରାଇବା ସହିତ ଇ.ଭି.ଏମ୍ ପରିଚାଳନା, ଆଇନ୍ ଶୃଙ୍ଖଳା, ନିର୍ବାଚନ ଖର୍ଚ୍ଚ, ଆଦର୍ଶ ଆଚରଣ ବିଧି, ବିଭିନ୍ନ ରାଜନୈତିକ ଦଳ ମାନଙ୍କର ଆୟବ୍ୟୟ ହିସାବ ଏବଂ ନିର୍ବାଚନ କର୍ତ୍ତବ୍ୟରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସହାୟତା ଇତ୍ୟାଦି ବିଷୟ ମଧ୍ୟ କାର୍ଯ୍ୟ କରେ ।

(କ) **ବିଧାନସଭା ନିର୍ବାଚନ**:- ଇତି ମଧ୍ୟରେ ୨୦୨୨-୨୦୨୩ ରେ ଏହି ବିଭାଗ ୦୬-ବ୍ରଜରାଜନଗର, ୪୬-ଧାମନଗର ଏବଂ ୦୧-ପଦ୍ମପୁର ଉପ-ନିର୍ବାଚନ ସୁପରିଚାଳନା କରିଛି । ଏହି ସବୁ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ମାନଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା ।

(ଖ). **ରାଷ୍ଟ୍ରପତି ଏବଂ ଉପ- ରାଷ୍ଟ୍ରପତି ନିର୍ବାଚନ** :-

ଏହି ବିଭାଗ ସଫଳତାର ସହିତ ରାଜ୍ୟସଭା ନିର୍ବାଚନ କରିବା ସହିତ ରାଷ୍ଟ୍ରପତି ଏବଂ ଉପ- ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ପରିଚାଳନା କରିଛି ।

ଏହି ସମୟ ମଧ୍ୟରେ ୩୦.୦୦ ଲକ୍ଷ ଟଙ୍କାର କ୍ଷତିପୂରଣ ୨ ଗୋଟି ମୃତ ସରକାରୀ କର୍ମଚାରୀ ପରିବାର ପାଇଁ ପ୍ରଦାନ କରାଯାଇଛି । ଆଚରଣ ବିଧି ଉଲଙ୍ଘନ କରିଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଭାରତର ମୁଖ୍ୟ ନିର୍ବାଚନ କମିଶନ ଏବଂ ଜିଲ୍ଲା ଅଧିକାରୀଙ୍କ ସହିତ ସମନ୍ୱୟ ରଖାଯାଇ ସୂଚାରୁ ରୂପେ ସମସ୍ତ ନିର୍ବାଚନ ପରିଚାଳନା କରାଯାଇଅଛି ।

# ନବମ ଅଧ୍ୟାୟ

## ୯. ରାଜ୍ୟ ସୈନିକ ବୋର୍ଡ

୧. ରାଜ୍ୟର ସମସ୍ତ ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ କର୍ମଚାରୀ ଏବଂ ମୃତ କର୍ମଚାରୀମାନଙ୍କ ପରିବାର ବର୍ଗଙ୍କର ଉପଯୁକ୍ତ ଥଇଥାନ, ପୁନର୍ବାସ ଏବଂ ସେମାନଙ୍କ ସାମାଜିକ ଓ ଆର୍ଥିକ କଲ୍ୟାଣ ସାଧନ ହେଉଛି ସୈନିକ ବୋର୍ଡର ମୁଖ୍ୟ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ । ଏତଦ୍ ବ୍ୟତୀତ ସେବାରତ ସାମରିକ କର୍ମଚାରୀଙ୍କ ପରିବାର ବର୍ଗଙ୍କୁ ଆବଶ୍ୟକୀୟ ସାମାଜିକ ସୁରକ୍ଷା ପ୍ରଦାନରେ ସହାୟତା ଏବଂ ଆନୁସଙ୍ଗିକ କଲ୍ୟାଣ ସାଧନ ମଧ୍ୟ ବୋର୍ଡର ଦାୟିତ୍ୱ ପରିସରଭୁକ୍ତ ଅଟେ । ବର୍ତ୍ତମାନ ରାଜ୍ୟରେ ଥିବା ୮ ଟି ଜିଲ୍ଲା ସୈନିକ ବୋର୍ଡ ଏହି ଉଦ୍ଦେଶ୍ୟରେ ପରିଚାଳିତ ଓ ଏହି ବୋର୍ଡ ଗୁଡିକ ୫୨,୦୦୦ ରୁ ଅଧିକ ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରଙ୍କ ପାଇଁ ଉତ୍ସର୍ଗୀକୃତ ।

**ସଫଳତା :**

୨. ୨୦୨୨-୨୩ ବର୍ଷରେ ରାଜ୍ୟ ସୈନିକ ବୋର୍ଡ ହାସଲ କରିଥିବା ସଫଳତା ନିମ୍ନରେ ପ୍ରଦାନ କରାଗଲା :-

(କ) **ଶିକ୍ଷାବୃତ୍ତି:** ପିଲାମାନଙ୍କ ଶିକ୍ଷା ବୃତ୍ତି ବାର୍ଷିକ ଟ.୧୨,୦୦୦/- ହାରରେ ମୋଟ ୨୮୨୪ ଗୋଟି ଅନ୍-ଲାଇନ ଦରଖାସ୍ତ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ପଠାଯାଇଛି ।

(ଖ) **କନ୍ୟା ବିବାହ ଅନୁଦାନ ରାଶି:** ମୋଟ ୯୬ ଗୋଟି ଅନ୍-ଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ସୁପାରିଶ କରାଯାଇଛି ।

(ଗ) **ଆର୍ଥିକ ଅନୁଦାନ (ପେନୁରୀ) :** ୬୫ ବର୍ଷରୁ ଉର୍ଦ୍ଧ୍ୱ ପେନସନ ଭୋଗୀ ପୂର୍ବତନ ସାମରିକ କର୍ମଚାରୀ ତଥା ସେମାନଙ୍କ ବିଧବା ପତ୍ନୀଙ୍କ ପାଇଁ ମାସିକ ଟ.୪୦୦୦/-ର ସହାୟତା ନିମନ୍ତେ ୪ ଗୋଟି ଅନ୍-ଲାଇନ୍ ଦରଖାସ୍ତ କେନ୍ଦ୍ରୀୟ ସୈନିକ ବୋର୍ଡକୁ ପଠାଯାଇଛି ।

**(ଘ) ଶାରୀରିକ ବା ମାନସିକ ଅସମର୍ଥ ପିଲାଙ୍କ ନିମନ୍ତେ ଆର୍ଥିକ ସହାୟତା:**

ମୋଟ ୬ ଗୋଟି ଅନ୍-ଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ମାସିକ ଟ.୩୦୦୦/- ଅନୁମୋଦନ ନିମନ୍ତେ ପଠାଯାଇଛି ।

**(ଙ) ମାତୃ ପିତୃହୀନ ପିଲାଙ୍କ ନିମନ୍ତେ ଆର୍ଥିକ ଅନୁଦାନ:**

ମାତୃପିତୃହୀନ ପିଲାମାନଙ୍କ ଠାରୁ ୨ ଗୋଟି ଅନ୍-ଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ମାସକୁ ଟ.୧୦୦୦/- ଆର୍ଥିକ ଅନୁଦାନ ନିମନ୍ତେ ପଠାଯାଇଛି ।

**(ଚ) ଉଚ୍ଚଶିକ୍ଷା ନିମନ୍ତେ ପ୍ରମାଣ ପତ୍ର :**

ମୋଟ ୭୫୬ ଜଣ ପୂର୍ବତନ ସୈନିକ ମାନଙ୍କର ଦସ୍ତାବିଜ ଆଦି ଯାଞ୍ଚ କରାଯାଇ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ସଂରକ୍ଷିତ ଥିବା ସ୍ନାତକ, ସ୍ନାତକୋତ୍ତର ଡିପ୍ଲୋମା ଓ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ପଢିବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

**(ଛ) ସାଧାରଣ ସେବା ଅଧିକାର :**

"ଜନସାଧାରଣ ସେବା ଆଇନ" ଅନୁଯାୟୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ୦ ଗୋଟି ସେବା ଯୋଗାଇ ଦିଆଯାଇଛି ।

**(ଜ) ସ୍ୱୀକୃତି ପ୍ରାପ୍ତ ପୂର୍ବତନ ସୈନିକ ସଂଗଠନ ସହିତ ମତ ଆଦାନ ପ୍ରଦାନ :**

ପୂର୍ବତନ ସାମରିକ କର୍ମଚାରୀମାନଙ୍କ ସମସ୍ୟା ବିଷୟରେ ସଂପୃକ୍ତ ସମ୍ପ୍ରଦାୟ ସହିତ ଆଲୋଚନା କରାଯାଇ ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଯାଇଛି ।

**(ଝ) ଆମାଲଗାମାଟେଡ ଫଣ୍ଡରୁ ସହାୟତା ରାଶି ପ୍ରଦାନ:**

ଅସହାୟ ଭୂତପୂର୍ବ ସୈନିକ, ବିଧବା ପତ୍ନୀ, ଦିବ୍ୟାଙ୍ଗ ସୈନିକ, ଚକ୍ଷୁହୀନ ଏବଂ ମାତୃ ପିତୃ ହୀନ ଭୂତପୂର୍ବ ସୈନିକ ପିଲାମାନଙ୍କ ସହାୟତା ବାବଦରେ ଟ.୧୫,୬୪,୦୦୦/- ସହାୟତା ରାଶି ପ୍ରଦାନ କରାଯାଇଛି ।

**(ଞ) ଭୁବନେଶ୍ବରର ସୈନିକ ସଦନ ନିର୍ମାଣ:**

ଭୁବନେଶ୍ବରରେ, ଆଇଆରସି ଭିଲେଜ, ନୟାପଲ୍ଲୀ ଅନ୍ତର୍ଗତ ଭିଆଇପି କଲୋନୀ ଠାରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ସ୍ଥାନ ନିର୍ଦ୍ଧାରିତ ହୋଇଥିବା ସରକାରୀ ଜମିରେ ଇନଫୋସିସ ଫାଉଣ୍ଡେସନ ଦ୍ୱାରା ସୈନିକ ସଦନ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଅଛି ।

**(ଟ) ଆମାଲଗାମାଟେଡ ଫଣ୍ଡ କମିଟି ବୈଠକ:**

ମାନ୍ୟବର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଆମାଲଗାମାଟେଡ ଫଣ୍ଡ କମିଟି ବୈଠକ ତା ୧୯-୧୧-୨୦୨୨ ରିଖରେ ସମ୍ପନ୍ନ ହୋଇଯାଇଛି । ଏହି ବୈଠକରେ ମେଧାବୀ ଛାତ୍ର ବୃତ୍ତିର ଦର ଏବଂ ଅନ୍ୟ ଆର୍ଥିକ ସହାୟତା ଦରର ବୃଦ୍ଧି କରାଯାଇଛି ଏବଂ ନୂଆ ସହାୟତା ସ୍କିମ ଜାରୀ କରାଯାଇଛି ।

## ୨୦୨୩-୨୪ ଆର୍ଥିକ ବର୍ଷପାଇଁ ଉଦ୍ଦେଶ୍ୟ:

୩. ନିମ୍ନ ଲିଖିତ ପଦକ୍ଷେପ ପାଇଁ ପ୍ରସ୍ତାବ ରହିଛି :-

**(କ)** ରାଜ୍ୟ ସୈନିକ ବୋର୍ଡ Website ସ୍ଥାପନ କରିବା ।

**(ଖ)** ଓଡିଶା ସରକାରଙ୍କ ORTPSA-୨୦୧୨ ସୂଚନା ଅନୁଯାୟୀ CMS ଜରିଆରେ ଜନସାଧାରଣଙ୍କୁ ଅନ୍-ଲାଇନ୍ ସେବା ଯୋଗାଣ ଏବଂ ଇ-ସର୍ଭିସ୍ "ଓଡିଶା ଏକ" ପୋଟାଲ ସହିତ ଏକତ୍ରିକରଣ ।

**(ଗ)** ରାଜ୍ୟ ସରକାର ଏବଂ ସରକାରୀ ଅଧିନସ୍ଥ ସଂସ୍ଥା ମାନଙ୍କରେ ନିଯୁକ୍ତି ପାଉଥିବା ପୂର୍ବତନ ସୈନିକମାନଙ୍କ ସଠିକ ଏବଂ ନିର୍ଭୁଲ ତଥ୍ୟ ରଖିବା ।

**(ଘ)** ଅନ୍ୟରାଜ୍ୟ ମାନଙ୍କ ଭଳି ଅତିରିକ୍ତ କଲ୍ୟାଣକାରୀ ଯୋଜନାମାନ ପ୍ରଚଳନ କରିବା ।

**(ଙ)** ଖୋର୍ଦ୍ଧା, କେନ୍ଦ୍ରାପଡା, ମୟୁରଭଞ୍ଜ ଏବଂ ସୁନ୍ଦରଗଡ ଆଦି ଜିଲ୍ଲାମାନଙ୍କର ଜିଲ୍ଲା ସୈନିକ ବୋର୍ଡ ଗଠନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ।

**(ଚ)** ରାଜ୍ୟ ସୈନିକ ବୋର୍ଡ ସଭାର ପୁନର୍ଗଠନ ଏବଂ ତାହାର ବୈଠକ ନିମନ୍ତେ ପଦକ୍ଷେପ ଗ୍ରହଣ ।

**(ଛ)** ଆଠଗୋଟି ଜିଲ୍ଲା ସୈନିକ ବୋର୍ଡର ପୁନର୍ଗଠନ ଏବଂ ତାହାର ବୈଠକ ପାଇଁ ପ୍ରଚେଷ୍ଟା ।

**(ଜ)** ରାଜ୍ୟ ଏବଂ ଜିଲ୍ଲା ସୈନିକ ବୋର୍ଡ ମାନଙ୍କରେଥିବା IT Hardware and Software ସବୁର ଅପଗ୍ରେଡ କରିବା ପାଇଁ ଚେଷ୍ଟା କରିବା ।

# ଦଶମ ଅଧ୍ୟାୟ

## ୧୦ ରାଜ୍ୟ ଅତିଥି ଭବନ

ଓଡିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରରେ **୯୫** ଟି ଡବଲ ବେଡ୍ ଏସି ରୁମ୍ ଅଛି । ପୁରୁଣା କମ୍ପ୍ଲେକ୍ସ ବିଲଡିଂରେ ଗୋଟିଏ ଭିଭିଆଇପି ରୁମ୍, **୧୦** ଟି ଭିଆଇପି ରୁମ୍ ଏବଂ ୨୮ ଟି ଡିଲକ୍ସ ରୁମ୍ ଅଛି । ନୂତନ ଆନେକ୍ସ ବିଲଡିଂରେ **୧୫** ଟି ଭିଆଇପି ରୁମ୍ ଏବଂ **୪୧** ଟି ଡିଲକ୍ସ ରୁମ୍ ର ବ୍ୟବସ୍ଥା ଅଛି । ୨୦୨୨-୨୩ ବର୍ଷରେ ପ୍ରାୟ **୪୦୫** ରାଜ୍ୟ ଅତିଥି ଏବଂ **୧୬,୪୫୪** ଅନ୍ୟ ଅତିଥିଙ୍କୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ଆତିଥ୍ୟ ପ୍ରଦାନ କରାଯାଇଛି ।

### ୨୦୨୨-୨୩ ର ମୁଖ୍ୟ ସଫଳତା

୦୧.୦୪.୨୦୨୨ ରୁ ୩୦.୧୨.୨୦୨୨ ପର୍ଯ୍ୟନ୍ତ ଅବଧି ପାଇଁ ସମୁଦାୟ ୧,୦୪,୪୦,୫୦୩/- ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି ।

କ୍ୟାବିନେଟଙ୍କ ଅନୁମୋଦନ ପରେ ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରର କର୍ମଚାରୀଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ଅତିଥି ଭବନ (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମ, ୨୦୨୨ ପ୍ରଣୟନ କରାଯାଇଛି ।

ରାଜ୍ୟ ଅତିଥି ଭବନର ଉଭୟ ପୁରୁଣା କମ୍ପ୍ଲେକ୍ସ ବିଲ୍ଡିଂ ଓ ନୂତନ ଆନେକ୍ସ ବିଲ୍ଡିଂ ସ୍ୱରୂପରେ ଏକତା ଆଣିବା ପାଇଁ ପୁରୁଣା କମ୍ପ୍ଲେକ୍ସ ବିଲ୍ଡିଂର ବାହ୍ୟ ସ୍ୱରୂପରେ ସୃଜନାତ୍ମକ ପରିବର୍ତ୍ତନ ଅଣାଯାଇଛି ।

କେନ୍ଦ୍ରୀୟ ଉଦ୍ୟାନକୁ ଏକ ସୁନ୍ଦର ଲ୍ୟାଣ୍ଡସ୍କେପ୍ ରୂପରେ ପରିଣତ କରାଯାଇ ଉତ୍କଳ ବାଟିକା ନାମରେ ନାମିତ କରାଯାଇଛି ।

ରାଜ୍ୟ ଅତିଥି ଭବନର ଗେଷ୍ଟରୁମ, କନଫରେନ୍ସ ହଲ୍ ଏବଂ ଭୋଜି ହଲ୍ ର ଶୁଳ୍କ ହାରରେ ସଂଶୋଧନ କରାଯାଇଛି ।

ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରର ସେବା ବିତରଣ ବ୍ୟବସ୍ଥାରେ ଦକ୍ଷତା ଏବଂ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ମେ ୨୦୨୨ ରୁ କଂପ୍ରେସିଭ ଫ୍ୟାସିଲିଟି ମ୍ୟାନେଜମେଣ୍ଟ ସର୍ଭିସ (ସି ଏଫ୍ ଏମ୍ ଏସ୍) ମାଧ୍ୟମରେ ସେବାଗୁଡିକୁ ଆଉଟସୋର୍ସିଂ କରାଯାଇଛି ।

ସ୍ୱରାଷ୍ଟ୍ର (ପ୍ରୋଟୋକଲ୍) ବିଭାଗ ସହିତ ସମନ୍ୱୟ ରଖାଯାଇ, ସେପ୍ଟେମ୍ବର ୨୦୨୨ ରେ ସୂର୍ଯ୍ୟ କିରଣ ଏୟାରଶୋ ଉତ୍ସବ, ଜୁଲାଇ ୨୦୨୨ ରେ ଉପାଧ୍ୟକ୍ଷ, ନୀତି ଆୟୋଗ ଏବଂ ଅନ୍ୟ ସଦସ୍ୟ ଏବଂ ଅଧିକାରୀଙ୍କ ପରିଦର୍ଶନ, ମେ ୨୦୨୨ ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମ୍ମିଳନୀ, ଜୁନ୍ ୨୦୨୨ ତାମିଲନାଡୁର ଅଧିକାରୀଙ୍କ ପରିଦର୍ଶନ, ଜୁଲାଇ ୨୦୨୨ ରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ବିଭାଗର ସମ୍ମିଳନୀ ଇତ୍ୟାଦି ସରକାରୀ କାର୍ଯ୍ୟକ୍ରମଗୁଡିକର ସଫଳ ପରିଚାଳନା କରାଯାଇଅଛି ।

୧୦-୧୧ ନଭେମ୍ବର ୨୦୨୨ ରେ ଭାରତର ମାନ୍ୟବର ରାଷ୍ଟ୍ରପତି, ୧୬-୧୭ ସେପ୍ଟେମ୍ବର ୨୦୨୨ ରେ ଭାରତର ମାନ୍ୟବର ପ୍ରଧାନ ବିଚାରପତି ଏବଂ ନଭେମ୍ବର ୨୦୨୨ ରେ ASEAN ଦେଶଗୁଡିକର ରାଷ୍ଟ୍ରଦୂତଙ୍କ ଗସ୍ତ କାର୍ଯ୍ୟକ୍ରମ ଗୁଡିକ ସଫଳ ରୂପାୟନ କରାଯାଇଛି ।

## ଭବନ ପ୍ରତିଷ୍ଠାନର ବାର୍ଷିକ ବିବରଣୀ, ୨୦୨୨ -୨୩

### ୧୦.୧ ଉତ୍କଳ ଭବନ,କୋଲକାତା

ଉତ୍କଳ ଭବନ, କୋଲକାତା ଜାନୁୟାରୀ, ୧୯୬୭ ମସିହାଠାରୁ କୋଲକାତାସ୍ଥିତ ଲେନିନ ସରଣି ଠାରେ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ଭବନରେ ନିମ୍ନପ୍ରଦତ୍ତ କୋଠରୀ ଉପଲବ୍ଧ ଅଛି।

| କୋଠରି | ସଂଖ୍ୟା |
|---|---|
| ୧. ଡିଲକ୍ସ କୋଠରୀ ଦୁଇ ଶଯ୍ୟା ବିଶିଷ୍ଟ- | ୬ |
| ୨. ସାଧାରଣ କୋଠରୀ ଦୁଇ ଶଯ୍ୟା ବିଶିଷ୍ଟ- | ୧୫ |
| ୩. ସାଧାରଣ କୋଠରୀ ଏକ ଶଯ୍ୟା ବିଶିଷ୍ଟ- | ୪ |
| ୪. ଡର୍ମିଟୋରୀ ଆଠ ଶଯ୍ୟା ବିଶିଷ୍ଟ- | ୨ |

୨୦୨୨-୨୩ ବର୍ଷରେ ଡିସେମ୍ବର, ୨୦୨୨ ସୁଦ୍ଧା ୫୬୪୦ ଗୋଟି ଶଯ୍ୟା ଅତିଥିମାନଙ୍କ ରହଣି ପାଇଁ ବ୍ୟବହାର ହୋଇଛି ଏବଂ ଅତିଥି ମାନଙ୍କ ଠାରୁ ଏ ବାବଦରେ ମୋଟ ୨୨,୩୯,୩୫୫ ଟଙ୍କା କୋଠରୀ ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ଆଦାୟ କରାଯାଇଛି ।

### ୧୦.୨ ଓଡିଶା ଭବନ ,ଭାସି ,ନାଭି ମୁମ୍ବାଇ

ଓଡିଶା ଭବନ, ନାଭି ମୁମ୍ବାଇ ଭାସି ପ୍ଲଟ ନଂ୫, ସେକ୍ଟର-୩୦-ଏ – ୪୦୦୭୦୩ ଠାରେ ୩୦.୧୦.୨୦୧୦ ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି।

| କୋଠରି | ସଂଖ୍ୟା |
|---|---|
| ୧. ଭିଆଇପି ସୁଟ୍- | ୪ |
| ୨. ଦୁଇ ଶଯ୍ୟା ବିଶିଷ୍ଟ କୋଠରୀ- | ୨୪ |
| ୩. ଛଅ ଶଯ୍ୟା ବିଶିଷ୍ଟ କୋଠରୀ- | ୪ |
| ୪. ସମ୍ମିଳନୀ କକ୍ଷ (ଏକ ଶହ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ )- | ୧ |
| ୫. ଓପନ ଟେରାସ୍ (ତିନି ଶହ ପଚାଶ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ -) | |

ଏଥି ମଧ୍ୟରୁ ୧୬ ଗୋଟି ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ କୋଠରୀ, ଏବଂ ଦୁଇଗୋଟି ଛଅ ଶଯ୍ୟା ବିଶିଷ୍ଟ କୋଠରୀ କର୍କଟ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ । ୨୦୨୨-୨୩ ମସିହାରେ ଡିସେମ୍ବର, ୨୦୨୨ ସୁଦ୍ଧା ରୋଗୀ/ଅତିଥି ମାନଙ୍କ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ୪୦,୨୧,୧୩୫/- ଟଙ୍କା ଆଦାୟ କରାଯାଇଛି । ଏକ ଟୁରିଷ୍ଟ ଅଫିସ, ଏକ ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଦର୍ଶନ କକ୍ଷ, ଉତ୍କଳିକା ପ୍ରଦର୍ଶନ କକ୍ଷ ସେମାନଙ୍କ ବିଭାଗର କ୍ରିୟାକଳାପକୁ ବିକଶିତ କରିବାପାଇଁ ଓଡିଶା ଭବନ ,ନାଭି ମୁମ୍ବାଇ ପରିସରମଧ୍ୟରେ କାର୍ଯ୍ୟକରୁଅଛି ।

ୟୁକ୍ରେନ – ରୁଷିଆ ଯୁଦ୍ଧ ସମୟରେ ମୁମ୍ବାଇ ବିମାନବନ୍ଦର ଠାରେ ୟୁକ୍ରେନ ଫେରନ୍ତା ଓଡିଆ ମାନଙ୍କୁ ନେବା ଆଣିବା ତଥା ଅନ୍ୟାନ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏକ ସହାୟତା ମେଜ ଖୋଲାଯାଇଥିଲା । ସମୁଦାୟ ୩୨ ଜଣ ଓଡିଆ ୟୁକ୍ରେନ ଫେରନ୍ତାଙ୍କୁ ଏ ସେବା ଯୋଗାଇଦିଆଯାଇଛି ।

କର୍କଟ ରୋଗୀ ଆଗମନ ସଂଖ୍ୟା ବୃଦ୍ଧି ପାଉଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ତା, ୧୯.୧୦.୨୦୨୨ରେ ଓଡିଶା ଭବନ ମୁମ୍ବାଇର ସଂପ୍ରସାରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ।

## ୧୦.୩ ଓଡିଶା ଭବନ /ନିବାସ / ସଦନ ନୂଆଦିଲ୍ଲୀ

ଆବାସିକ କମିଶନରଙ୍କ କାର୍ଯ୍ୟାଳୟ, ନୂଆଦିଲ୍ଲୀ,ଓଡ଼ିଶା ସରକାରଙ୍କ ଗୃହ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଅଛି। ଏହି କାର୍ଯ୍ୟାଳୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରେ । ଏହା ସହିତ ତିନିଟି ଗେଷ୍ଟହାଉସ୍ (ଓଡ଼ିଶା ଭବନ, ଓଡ଼ିଶା ନିବାସ ଏବଂ ଓଡିଶା ସଦନ) ପରିଚାଳନା ଉପରେ ମଧ୍ୟ ଦୃଷ୍ଟି ଦେଇଥାଏ । ରାଜ୍ୟର ସରକାରୀ ଉଦ୍ୟୋଗ ଗୁଡ଼ିକର କାର୍ଯ୍ୟାଳୟ, ଜଳସମ୍ପଦ, ସୂଚନା, ଲୋକସମ୍ପର୍କ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟାଳୟଗୁଡ଼ିକ ଏହି ପ୍ରତିଷ୍ଠାନର ଏକ ଅଂଶ । ଶ୍ରମବିଭାଗର ପ୍ରବାସୀ ଶ୍ରମିକ ସହାୟତା ଡେସ୍କ, ଶିଶୁସୁରକ୍ଷା, ଶିଶୁଅଧିକାରର ସୁରକ୍ଷାସେଲ୍ ଏବଂ ଓଡିଶା ନିବେଶ ଏବଂ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟାଳୟ ମଧ୍ୟ ଏହି ସମନ୍ୱିତ କାର୍ଯ୍ୟାଳୟର ଏକ ଅଂଶ ।

**(କ) ସଂଯୋଗସ୍ଥାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ**

ବିଶିଷ୍ଟ ବ୍ୟକ୍ତି ମାନଙ୍କ ନୂଆଦିଲ୍ଲୀ ଗସ୍ତକୁ ଏହି କାର୍ଯ୍ୟାଳୟ ଦେଖାଶୁଣା କରିଥାଏ ଏବଂ ବିଭିନ୍ନ ଉଚ୍ଚସ୍ତରୀୟ ବୈଠକରେ ଏହି କାର୍ଯ୍ୟାଳୟର ଅଧିକାରୀମାନେ ଯୋଗଦେଇ ବୈଠକର ବିବରଣୀ ଓଡିଶାର ସମ୍ପୃକ୍ତ ବିଭାଗକୁ ଅବଗତ କରାଇଥାନ୍ତି । ବାର୍ଷିକ କାର୍ଯ୍ୟକ୍ରମ ଉତ୍କଳଦିବସ ୨୦୨୨ ସଫଳଭାବେ କରାଯାଇଥିଲା ।

**(ଖ) ସଂସଦ ଅଧିବେଶନ ସଂକ୍ଷିପ୍ତ ବିବରଣୀ:**

୨୦୨୨ ମସିହାରେ ସଂସଦର ମୌସୁମୀ ଅଧିବେଶନ ଏବଂ ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ବିଭାଗୀୟ ସଂକ୍ଷିପ୍ତ ତଥ୍ୟ ସଂଗ୍ରହ ଏବଂ ସଂକଳନ କରାଯାଇଥିଲା ଏବଂ ସଂସଦର ମାନ୍ୟବର ସଦସ୍ୟ ମାନଙ୍କୁ ସଂକଳନ ଠିକ ସମୟରେ ବଣ୍ଟନ କରାଯାଇଥିଲା ।

**(ଗ) ମକଦ୍ଦମା ପରିଚାଳନା ସିଷ୍ଟମ୍ (LMS) କକ୍ଷ:**

ଏହି କାର୍ଯ୍ୟାଳୟ ସୁପ୍ରିମକୋର୍ଟ, ହାଇକୋର୍ଟ ଏବଂ ନୂଆଦିଲ୍ଲୀରେ ଥିବା ଅନ୍ୟ କ୍ୱାସିଜୁଡିସିଆଲ ଫୋରମ୍ ମାନଙ୍କରେ ଥିବା ସମସ୍ତ ବିଚାରାଧୀନ ମାମଲା ଉପରେ ନଜର ରଖିଥାଏ । ଏହି କକ୍ଷ ସମସ୍ତ ଭାରପ୍ରାପ୍ତ ଆଡଭୋକେଟଙ୍କ ସହିତ ଯୋଗାଯୋଗ କରି ଉଚିତ ସମୟ ମଧ୍ୟରେ କାର୍ଯ୍ୟ ନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗ ଗୁଡିକୁ ସୂଚନା ଦେଇଥାଏ ।

**(ଘ) ନାଗରିକ କଲ୍ୟାଣ କାର୍ଯ୍ୟକ୍ରମ**

ଏହି ଅଫିସ ଶ୍ରମିକ ଏବଂ କର୍ମଚାରୀ ରାଜ୍ୟବୀମା କାର୍ଯ୍ୟାଳୟ ଏବଂ ବୈଦେଶିକ ମନ୍ତ୍ରାଳୟ ସହିତ ସମନ୍ୱୟ ରଖିଥାଏ ଏବଂ ନିରନ୍ତର ପ୍ରୟାସ କରି ତାଙ୍କୁ ସହାୟତା ଯୋଗାଇଥାଏ ।

ଏହି କାର୍ଯ୍ୟାଳୟ ଦେଶ ବିଦେଶରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କର ଦେଖା ଶୁଣାକରିଥାଏ । ୨୪ ଜଣ ଶ୍ରମିକଙ୍କୁ ସଫଳତାର ସହିତ ବିଭିନ୍ନ ଦେଶ ଯଥା ବାହାରିନ, ଜୋର୍ଡାନ, ଆଲଜେରିଆ, ମାଲେସିଆ, ଦୋହା, ଆବୁଧାବି ଏବଂ ଓମାନରୁ ଆମ ଦେଶକୁ ପ୍ରତ୍ୟାବର୍ତନ କରାଯାଇଥିଲା । ଉକ୍ତ ଶ୍ରମିକମାନଙ୍କୁ ସଫଳତାର ସହିତ ନିଜ ସ୍ଥାନକୁ ପ୍ରତ୍ୟାବର୍ତନ କରଯାଇଥିଲା । ୧୨ ଜଣ ଶ୍ରମିକଙ୍କ ପାର୍ଥିବ ଶରୀରକୁ ବିଭିନ୍ନ ଦେଶ ଯଥା ସାଉଦିଆରବ, ପୂର୍ବଆଫ୍ରିକା, ଶ୍ରୀଲଙ୍କା ଏବଂ କଙ୍ଗୋରୁ ଅଣାଯାଇଥିଲା।

ପ୍ରତି ମାସ ଦିଲ୍ଲୀ ସରକାରଙ୍କ ଜିଲ୍ଲାସ୍ତରୀୟ ସଭାଗୁଡିକରେ ଯୋଗଦାନ କରାଯାଇଥିଲା ଏବଂ ଏହି ସଭାରେ ବିଭିନ୍ନ ଶିଶୁ ଶ୍ରମିକଙ୍କ ବିଷୟରେ ଆଲୋଚନା କରାଯାଇଥିଲା ।

ଓଡିଶା ଅଧିବାସୀଙ୍କ ଶିକ୍ଷା, ଜନ୍ମ ଏବଂ ବିବାହ ସମ୍ବନ୍ଧୀୟ ତଥ୍ୟର ପୂର୍ବ – ପ୍ରାମାଣିକିକରଣ କାର୍ଯ୍ୟ ବୈଦେଶିକ ମନ୍ତ୍ରାଳୟରେ କରାଯାଇଥାଏ । ଓଡିଶା ସରକାରଙ୍କ ପ୍ରଦତ୍ତ ବିପିଏଲ / ରାସନ କାର୍ଡ କିମ୍ବା ଅନ୍ୟ ନଥି ପତ୍ରର ପ୍ରାମାଣିକତା ଏବଂ ଅନୁବାଦ କାର୍ଯ୍ୟ ଏହି କାର୍ଯ୍ୟାଳୟ ପକ୍ଷରୁ କରାଯାଇଥାଏ ।

**(ଙ) କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅନ୍ତର୍ଗତ ପାଣ୍ଠି ପ୍ରାପ୍ତି :**

ବିଭିନ୍ନ ମନ୍ତ୍ରାଳୟରୁ କେନ୍ଦ୍ରୀୟ ଯୋଜନାର ପାଣ୍ଠି ପାଇଁ ବିଭିନ୍ନ ନୋଡାଲ ଅଫିସର ନିରନ୍ତର ପ୍ରୟାସ କରୁଛନ୍ତି । ନୋଡାଲ ଅଧିକାରୀମାନେ ବିଭିନ୍ନ ମନ୍ତ୍ରାଳୟ ତଥା ବିଭାଗ ସହିତ ଯୋଗାଯୋଗ କରୁଛନ୍ତି । ଅର୍ଥ ବିଭାଗ ପତ୍ର ଲେଖି ବିଭିନ୍ନ ବିଭାଗକୁ ଆମ ରାଜ୍ୟ ପାଇଁ ପାଣ୍ଠି ପ୍ରାପ୍ତି ପାଇଁ ନୋଡାଲ ଅଫିସରମାନେ କେନ୍ଦ୍ରୀୟ ମନ୍ତ୍ରାଳୟ ସହିତ ସମନ୍ବୟ ରଖି କାର୍ଯ୍ୟ କରୁଛନ୍ତି।

**(ଚ) ଜରୁରୀକାଳୀନ ପରିସ୍ଥିତି ଏବଂ ସଙ୍କଟ ପରିଚାଳନା:**

ୟୁକ୍ରେନ – ରୁଷିଆ ଯୁଦ୍ଧ ୨୪ ଫେବୃଆରୀ ୨୦୨୨ ରେ ଆରମ୍ଭ ହୋଇଥିଲା ଏବଂ ୨ ମାର୍ଚ୍ଚ, ୨୦୨୨ ରୁ ୧୧ ମାର୍ଚ୍ଚ, ୨୦୨୨ ପର୍ଯ୍ୟନ୍ତ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଆବାସିକ କମିଶନରଙ୍କ କାର୍ଯ୍ୟାଳୟ, ଓଡ଼ିଶା ସରକାର, ନୂଆଦିଲ୍ଲୀ ୟୁକ୍ରେନରେ ଫସିରହିଥିବା ଓଡିଆ ଛାତ୍ରଛାତ୍ରୀ ମାନଙ୍କୁ ସହାୟତା ଉଦ୍ଦେଶ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ୟୁକ୍ରେନର ଭାରତୀୟ ଦୂତାବାସ ଏବଂ ରୋମାନିଆ, ପୋଲାଣ୍ଡ, ହଙ୍ଗେରୀ ଏବଂ ସ୍ଲୋଭାକିଆ ପରିସୀମାବର୍ତ୍ତୀ ଦେଶ ସହାୟତାରେ ମୋଟ ୩୧୯ ଜଣ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ଓଡିଆ ଛାତ୍ରଙ୍କ ନିରାପଦ ସ୍ଥାନାନ୍ତର ପାଇଁ ନୋଡାଲ ଅଫିସର ଭାବରେ ରେସିଡେଣ୍ଟ କମିଶନର ପ୍ରଭାବଶାଳୀ ପଦକ୍ଷେପ

ନେଇଥିଲେ । ୟୁକ୍ରେନରୁ ଫେରିଥିବା ଓଡିଆ ଛାତ୍ରଛାତ୍ରୀମାନଙ୍କର ଲଜିଷ୍ଟିକ ବ୍ୟବସ୍ଥା ଏହି କାର୍ଯ୍ୟାଳୟ ଦ୍ୱାରା ତଦାରଖ କରାଯାଇଥିଲା ଏବଂ ସୁରକ୍ଷିତ ଭାବରେ ଓଡିଶା ପଠାଯାଇଥିଲା ।

**୧୦.୪ ଓଡିଶା ଭବନ,ଚେନ୍ନାଇ**

ଓଡିଶା ଭବନ, ଚେନ୍ନାଇ ୨୫.୦୯.୨୦୧୮ ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ଭବନରେ ନିମ୍ନପ୍ରଦତ୍ତ କୋଠରୀ ଉପଲବ୍ଧ ଅଛି।

| କୋଠରୀ | ସଂଖ୍ୟା |
|---|---|
| ୧. ସୁଟ୍- | ୫ |
| ୨. ଦୁଇ ଶଯ୍ୟା ବିଶିଷ୍ଟ କୋଠରୀ- | ୧୬ |
| ୩. ଏସି ଡର୍ମିଟୋରୀ (୬ ଶଯ୍ୟା ଏବଂ ୪ ଶଯ୍ୟା ବିଶିଷ୍ଟ)- | ୨ |
| ୪. ସମ୍ମିଳନୀ କକ୍ଷ- | ୧ |
| ୫. ଅଡିଟୋରିୟମ- | ୧ |

୨୦୨୨-୨୩ ମସିହାରେ ଡିସେମ୍ବର, ୨୦୨୨ ସୁଦ୍ଧା ୨୦୭୯ ଶଯ୍ୟା ନିମନ୍ତେ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ୧୫,୮୧,୦୪୮ ଟଙ୍କା ଆଦାୟ କରାଯାଇଛି ।

**୧୦.୫ ଓଡିଶା ଭବନ,ବେଙ୍ଗାଲୁରୁ**

କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ଦ୍ୱାରା ବେଙ୍ଗାଲୁରୁ ଠାରେ ଏକ ଓଡିଶା ଭବନର ନିର୍ମାଣ ପାଇଁ , କର୍ଣ୍ଣାଟକ ର ବେଙ୍ଗାଲୁରୁ ଅନ୍ତର୍ଗତ ସାମ୍ପିଗେହଲ୍ଲୀ ର ଅର୍କବତୀ (ଲେଆଉଟ ତୃତୀୟ ବ୍ଲକ) ସର୍ଭେ ନମ୍ବର ୩୭, ୪୭ ଏବଂ ୪୮ ରେ ୩୭୪୮.୫୦ ବର୍ଗ ମିଟର ପରିମାଣର ଜମି ଓଡିଶା ସରକାରଙ୍କ ସପକ୍ଷରେ ଲିଜ ସୂତ୍ରରେ ୩୦ ବର୍ଷପାଇଁ ଆବଣ୍ଟନ କରାଯାଇଅଛି ।

ଏହି ଭବନର ନିର୍ମାଣ ପାଇଁ ୨୭,୬୨,୩୨,୯୯୭/- ଟଙ୍କାର ବିଭାଗୀୟ ସ୍ୱୀକୃତି (Administrative Approval) ଦିଆଯାଇଅଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ଓଡିଶା ପୋଲିସ ହାଉସିଂ କର୍ପୋରେସନକୁ ପ୍ରଦାନ କରାଯାଇଛି। ଏହି ଭବନର ଜମି କ୍ରୟ ବାବଦରେ ୩,୯୮,୧୦,୦୯୪/- ଟଙ୍କା ପ୍ରଦାନ କରାଯାଇଅଛି । ଏହାର ନିର୍ମାଣ ନିମନ୍ତେ

Bangalore Development Authority ଙ୍କ ଠାରୁ Building Plan ଅନୁମୋଦନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି।

### ୧୦.୬ ଇ-ଭବନ ପୋର୍ଟାଲ

ଗୃହ ବିଭାଗ ଅଧିନରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଠାରେ ଅବସ୍ଥିତ ଭବନ ଗୁଡିକରେ କୋଠରୀ ଆରକ୍ଷଣ ନିମନ୍ତେ ଇ-ଭବନ ପୋର୍ଟାଲ ତା୦୮.୦୭.୨୦୨୦ ଠାରୁ କାର୍ଯ୍ୟକାରୀ କରାଯାଇଛି ।

ଏହି ବ୍ୟବସ୍ଥାରେ ଉପରୋକ୍ତ ଭବନ ଗୁଡିକରେ କୋଠରୀ କିମ୍ବା ଯାନ ଆରକ୍ଷଣ ଆଶାୟୀ ବ୍ୟକ୍ତି ଅନଲାଇନରେ bhawan.homeodisha.gov.in ପୋର୍ଟାଲରେ ନିଜ ସୁବିଧା ଅନୁସାରେ ଆବେଦନ କରି ପାରୁଛନ୍ତି ଏବଂ ଆରକ୍ଷଣର ସୂଚନା ଏସ.ଏମ.ଏସ ଦ୍ୱାରା ସୁବିଧାରେ ପାଇ ପାରୁଛନ୍ତି ।

ଉପରୋକ୍ତ ଭବନ ଗୁଡିକରେ ପ୍ରଦାନ କରାଯାଉଥିବା ସେବା ଗୁଡିକର ଗୁଣବତ୍ତା ବୃଦ୍ଧି ନିମନ୍ତେ ଅତିଥି ମାନଙ୍କ ନିକଟରୁ ମତାମତ ସଂଗ୍ରହ ଉଦ୍ଦେଶ୍ୟରେ e Bhawan Portal ରେ feedback system ର ଆରମ୍ଭ କରାଯାଇଛି। e-Bhawan Portalର ଉନ୍ନତି ତଥା ରକ୍ଷଣାବେକ୍ଷଣ ନିମନ୍ତେ ନିକଟରେ NIC ଭୁବନେଶ୍ୱରକୁ ଟ୭୮,୮୬,୮୧୫/- ପ୍ରଦାନ କରାଯାଇଛି ।

# ଏକାଦଶ ଅଧ୍ୟାୟ

## ୧୧. ଅଭିଯୋଜନ ନିର୍ଦ୍ଦେଶାଳୟ ୨୦୨୨-୨୩

ରାଜ୍ୟରେ ଅଭିଯୋଜନ (Prosecution) ବ୍ୟବସ୍ଥାର କାର୍ଯ୍ୟଦକ୍ଷତାକୁ ନିୟନ୍ତ୍ରଣ କରିବା ପାଇଁ ୧୯୮୨ ମସିହାରେ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ସୃଷ୍ଟି କରାଯାଇଥିଲା । ଓଡିଶାର ଆଇନ ଅଧିକାରୀ ନିୟମ, ୧୯୭୧ ଅନୁସାରେ ଠିକା ଭିତ୍ତିକ ନିଯୁକ୍ତି ପାଇଥିବା ଅଭିଯୋଜକ ମାନଙ୍କର କାର୍ଯ୍ୟ ଦକ୍ଷତାରେ ଆବଶ୍ୟକୀୟ ଉନ୍ନତି ପରିଲକ୍ଷିତ ହୋଇପାରି ନଥିଲା । ତେଣୁ ୧୯୯୭ ମସିହାରେ ସରକାର କ୍ୟାଡର ଭିତ୍ତିକ ଅଭିଯୋଜକ ନିଯୁକ୍ତି ପାଇଁ ଓଡିଶା ରାଜ୍ୟ ଅଭିଯୋଜନ ସେବା ନିୟମ ପ୍ରଚଳିତ କଲେ । ଉକ୍ତ ନିୟମ ଅନୁସାରେ ୨ ଗୋଟି ଉପ ନିର୍ଦ୍ଦେଶକ, ୧ ଗୋଟି ଯୁଗ୍ମ ନିର୍ଦ୍ଦେଶକ, ୫୮ ଟି ଅଭିଯୋଜକ, ୯୮ ଟି ଅତିରିକ୍ତ ଅଭିଯୋଜକ ଏବଂ ୨୫୪ ଟି ସହାୟକ ଅଭିଯୋଜକ ପଦବୀ ଅଭିଯୋଜନର ମାନ ବୃଦ୍ଧିପାଇଁ ସୃଷ୍ଟି କରାଯାଇଥିଲା । ବର୍ତ୍ତମାନ ୨ ଜଣ ଉପ ନିର୍ଦ୍ଦେଶକ, ୩୧ ଜଣ ଅଭିଯୋଜକ, ୨୬ ଜଣ ଅତିରିକ୍ତ ଅଭିଯୋଜକ ଏବଂ ୧୭୯ ଜଣ ସହାୟକ ଅଭିଯୋଜକ ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ଅଛନ୍ତି । ଅଭିଯୋଜନର ମାନ ବୃଦ୍ଧି ପାଇଁ ତଥା ଏହାକୁ ଶକ୍ତିଶାଳୀ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇଅଛି ।

(କ) ଅଧିକ ସଂଖ୍ୟକ ପ୍ରାର୍ଥୀଙ୍କୁ ପରୀକ୍ଷାରେ ଭାଗ ନେବାକୁ ସୁଯୋଗ ଦେବାପାଇଁ ଓଡିଶା ରାଜ୍ୟ ଅଭିଯୋଜନ ସେବା ନିୟମ, ୧୯୯୭ ରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି, ଯାହା ଫଳରେ ଯୋଗ୍ୟ ପ୍ରାର୍ଥୀମାନେ ଅଭିଯୋଜନ ସେବା ମଧ୍ୟକୁ ତାଙ୍କ ଯୋଗ୍ୟତା ବଳରେ ଆସିପାରିବେ ଓ ଅଭିଯୋଜନ ସେବାକୁ ବଳଶାଳୀ କରିପାରିବେ ।

(ଖ) ସମସ୍ତ ଅଭିଯୋଜକ ମାନଙ୍କର କାର୍ଯ୍ୟ ଦକ୍ଷତାକୁ ସମୟାନ୍ତରରେ ତର୍ଜମା କରାଯାଇ ଦୋଷ ସିଦ୍ଧିହାର ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି ।

(ଗ) ଅଭିଯୋଜନ ବ୍ୟବସ୍ଥାର ଉନ୍ନତି ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ସମୟ ସମୟରେ ଜିଲ୍ଲା ଅଭିଯୋଜକ ଏବଂ ଅଭିଯୋଜନ ନିର୍ଦ୍ଦେଶାଳୟ ମାଧ୍ୟମରେ ସମସ୍ତ

ଅଭିଯୋଜକ ମାନଙ୍କୁ ପ୍ରଦାନ କରାଯାଉଛି ।

(ଘ) କୋର୍ଟ ଗୁଡିକ ସୁବିଧାରେ ଏବଂ ସାବଲୀଳ ଭାବରେ କାମ କରିବାପାଇଁ ଅଭିଯୋଜନ ନିର୍ଦ୍ଦେଶାଳୟ ତରଫରୁ ସରକାରୀ ଅଧିକାରୀ ମାନଙ୍କର କୋର୍ଟରେ ସାକ୍ଷ୍ୟ ଗ୍ରହଣ ନିମନ୍ତେ ଏହି ନିର୍ଦ୍ଦେଶାଳୟ ସେମାନଙ୍କ ଉପରିସ୍ଥ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରି ସାକ୍ଷୀଙ୍କୁ କୋର୍ଟରେ ହାଜର କରାଇବାପାଇଁ ପଦକ୍ଷେପ ନେଉଛନ୍ତି ।

(ଙ) ଅଭିଯୋଜନର ମାନବୃଦ୍ଧି ନିମନ୍ତେ କ୍ୟାଡର ଅଭିଯୋଜକ ମାନଙ୍କୁ LNJN NICF, New Delhi, Central Academy of Police, Bhopal, Central Detective Training Institute, Kolkata, Odisha Judicial Academy, Cuttack and Biju Pattnaik State Police Academy, Bhubaneswar ଠାରେ ତାଲିମ ଦିଆଯାଉଅଛି । ଏହି ତାଲିମରୁ ଆହରଣ କରିଥିବା ଅନୁଭୂତି କ୍ୟାଡର ଅଭିଯୋଜକ ମାନଙ୍କର କାମରେ ପରିଲକ୍ଷିତ ହେଉଅଛି ଏବଂ ସେମାନେ ବଳିଷ୍ଠ ଭାବରେ କେସ୍ ଗୁଡିକୁ ସରକାରଙ୍କ ତରଫରୁ ପରିଚାଳନା କରୁଛନ୍ତି ।

(ଚ) District Level Standing Committee ଦ୍ୱାରା ଦୋଷମୁକ୍ତ ମାମଲା ଗୁଡିକର ତର୍ଜମା କରାଯାଇ ଅଭିଯୋଜନର ପରିଚାଳନାରେ ଦୋଷଥିବା ଅଭିଯୋଜକ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ମାମଲା ଗୁଡିକର ନିୟମିତ ତଦାରଖ କରିବାଦ୍ୱାରା ଅଭିଳଷିତ ଫଳାଫଳ ହାସଲ କରାଯାଇ ଅଭିଯୋଜନ ବ୍ୟବସ୍ଥାକୁ ବଳଶାଳୀ କାରାଯାଉଅଛି ।

# ଦ୍ୱାଦଶ ଅଧ୍ୟାୟ

## ୧୨. ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ

### ୧୨.୧ ବିଗତ ପାଞ୍ଚ ବର୍ଷରେ ନିଗମ ଦ୍ୱାରା ହାସଲ ହୋଇଥିବା ଅର୍ଥ କାରବାରର ବିସ୍ତୃତ ବିବରଣୀ

| ଆର୍ଥିକ ବର୍ଷ (ଟଙ୍କା କୋଟିରେ) | କାରବାର (ଟଙ୍କା କୋଟିରେ) | କର ପୂର୍ବରୁ ଲାଭାଂଶ (ଟଙ୍କା କୋଟିରେ) | କର ପରେ ଲାଭାଂଶ (ଟଙ୍କା କୋଟିରେ) | ସଂପୂର୍ଣ୍ଣ କାରବାର (ଟଙ୍କା କୋଟିରେ) |
|---|---|---|---|---|
| ୨୦୧୭-୧୮ | ୩୮୦.୫୧ | ୨୧.୬୨ | ୧୪.୧୩ | ୧୧୨.୭୧ |
| ୨୦୧୮-୧୯ | ୩୯୬.୨୯ | ୨୬.୩୦ | ୧୭.୦୭ | ୧୨୩.୬୨ |
| ୨୦୧୯-୨୦ | ୩୨୬.୨୬ | ୨୬.୮୧ | ୨୦.୦୪ | ୧୩୭.୬୫ |
| ୨୦୨୦-୨୧ | ୩୫୭.୮୧ | ୨୮.୧୨ | ୨୦.୯୬ | ୧୫୨.୩୨ |
| ୨୦୨୧-୨୨ | ୩୭୭.୪୮ | ୩୧.୨୩ | ୨୩.୧୬ | ୧୬୮.୫୪ |

### ୧୨.୨ ବିଗତ ପାଞ୍ଚ ଆର୍ଥିକ ବର୍ଷରେ ନିଗମର ପ୍ରମୁଖ ଉପଲବ୍ଧି

(କ) ନିଗମ ବି. ଏସ.ଏଫ. ଓ ସି.ଆର.ପି.ଏଫ. ଯବାନ ମାନଙ୍କ ପାଇଁ ମାଓ ପ୍ରବଣ ଅଞ୍ଚଳ ତଥା ଏସ.ଆର.ଇ. ଜିଲ୍ଲା ମାନଙ୍କରେ ଥାନା ନିର୍ମାଣ ଓ ଦୁର୍ଗୀକରଣ କରିବା ସହିତ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ଓ ଜେଲ ବିଭାଗ ପାଇଁ କାରାଗାର ଗୃହ ନିର୍ମାଣ କରିଅଛି।

(ଖ) ନିଗମ ବିଗତ ପାଞ୍ଚ ଆର୍ଥିକ ବର୍ଷରେ ଆରକ୍ଷୀ, ଅଗ୍ନିଶମ, କାରାଗାର, ନ୍ୟାୟପାଳିକା ଏବଂ ଜମା କାର୍ଯ୍ୟର ୩୬୦୦ ରୁ ଅଧିକ କାର୍ଯ୍ୟ ସମ୍ପାଦନ କରିଅଛି ।

(ଗ) ବର୍ତ୍ତମାନ ନିଗମ ଓଡିଶାର ବିଭିନ୍ନ ପ୍ରାନ୍ତରେ ୪୩ ଗୋଟି ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କରୁଅଛି ।

(ଘ) ନିଗମ ମାଲକାନଗିରି, ଡୁମୁରିବାହଲ, ନୂଆପଡା ଓ ଲାଞ୍ଜିଗଡ ଠାରେ ଇ.ଏମ.ଆର.ଏସ. ଏବଂ ରାଇକିଆ, କୋରକୋଣ୍ଡା, ଖଜୁରୀପଡା, ଉମରକୋଟ ଓ ବିଷମକଟକ ଠାରେ କେ.ଏମ. ଆର.ଏସ. କାର୍ଯ୍ୟ ନିର୍ମାଣ କରିଅଛି । ପୁନର୍ବାର 'ଅନ୍ୱେଷା' ଓ 'ଆକାଂକ୍ଷା' ଭଳି ଛାତ୍ରାବାସ ଗୃହ ଏସ.ଟି. ଓ ଏସ.ସି. ଜନଜାତି ନିମନ୍ତେ ନିର୍ମାଣ ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରୁଅଛି ।

(ଙ) ପତ୍ର ସଂଖ୍ୟା ୧୭୬୧୭/ଏଚ.ଇ. ତା : ୦୩.୦୬.୨୦୨୦ ରିଖ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ, ଓଡିଶା ସରକାର ନିଗମକୁ ଏକମାତ୍ର କାର୍ଯ୍ୟକାରୀ ସଂସ୍ଥା ରୂପେ ତାର ସମସ୍ତ ବିଶ୍ୱବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ (ସିଭିଲ /ଇଲେକଟ୍ରିକାଲ) କରିବାକୁ ଅନୁମତି ସହିତ ମରାମତି ଦାୟିତ୍ୱ ମଧ୍ୟ ପ୍ରଦାନ କରିଅଛି ।

(ଚ) ନିଗମ ଗଞ୍ଜାମ ଜିଲ୍ଲାରେ ଆର.ଆର.ଇ.ଏଲ., ଭାରତ ସରକାରଙ୍କ ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେବା ସହିତ ଓ.ଏସ.ଡି.ଏମ.ଏ. ନିମନ୍ତେ ଓ.ଡି.ଆର.ଏଫ. ପାଇଁ ନୂତନ ଗୃହ ତଥା ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଅଛି ।

(ଛ) ନିଗମ ରାଜ୍ୟ ଅତିଥି ଭବନରେ ସଂଯୁକ୍ତ ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିଅଛି ।

(ଜ) ନିଗମ ସି.ଏସ.ଆର. ଯୋଜନାରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କମ୍ପାନୀ ଅଧିନିୟମ ଅନ୍ତର୍ଗତ ହାତକୁ ନେଇଅଛି।

(ଝ) ନିଗମ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଅଧିନସ୍ଥ "ଉତ୍କଳିକା"ର ମୁଖ୍ୟ ପ୍ରାସାଦ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସହିତ ଓଡିଶା ତାଳଗୁଡ ସମବାୟ ସଂଘ ନିମନ୍ତେ ପ୍ରଶିକ୍ଷଣ ତଥା ଉତ୍ପାଦନ କେନ୍ଦ୍ର, ଓ.ଏମ.ସି. ପାଇଁ ଖଣି ଅଞ୍ଚଳରେ ସୁରକ୍ଷା ସେନାଦଳ ନିମନ୍ତେ ସେନା ନିବାସ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି।

(ଞ) ନିଗମ ଡି.ଟି.ଇ.ଟି. ନିମନ୍ତେ ୧୦୦ ରୁ ଅଧିକ ସ୍ମାର୍ଟ ଶ୍ରେଣୀ ଗୃହ କାର୍ଯ୍ୟ ହାତକୁ ନେଇଅଛି ।

(ଟ) ନିଗମ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ବିଭାଗ ନିମନ୍ତେ ସି.ସି.ଟି.ଭି. ସ୍ଥାପନା କାର୍ଯ୍ୟ ସମ୍ପାଦନ କରିଅଛି ।

(ଠ) ନିଗମ ୧୧୨ ଟି ସୌରଶକ୍ତି ସମ୍ପନ୍ନ ଆଲୋକିକରଣ କାର୍ଯ୍ୟ ନିଗମ କମ୍ପାନୀ ଅପରେଶନ ବେସ ଓ ୨ ଟି ଏସ.ଓ.ଜି.ରେ ସମ୍ପାଦନ କରିଅଛି ।

(ଡ) ଡି.ଏମ.ଏଫ. ପାଣ୍ଠି ଅନ୍ତର୍ଗତ ଅନୁଗୁଳରେ ସହର ସଂନିରିକ୍ଷଣ କାର୍ଯ୍ୟ ସମ୍ପାଦନ କରିବା ସହିତ ବିଭିନ୍ନ କୋଠାରେ ସୌରଶକ୍ତି ପଦ୍ଧତି ଓ ବିଜୁଳି ନିୟନ୍ତ୍ରଣ ବ୍ୟବସ୍ଥା କରିଅଛି ।

(ଢ) ନିଗମ ସରକାରଙ୍କ ପ୍ରଥମ ଅବରୋଧ ନୌକା ଗୁଡିକର ମରାମତି କାର୍ଯ୍ୟ ମଧ ହାତକୁ ନେଇଅଛି ।

(ଣ) ନିଗମ ସରକାରଙ୍କ ନିୟମ ଅନୁସାରେ ବିଗତ ୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଲାଭାଂଶ ଘୋଷଣା ଓ ପ୍ରଦାନ କରୁଅଛି । ସରକାରଙ୍କ ଇକ୍ୱିଟି ପୁଞ୍ଜି ୫.୬୩ କୋଟି ବିପକ୍ଷରେ ନିଗମ ସଞ୍ଚୟମାନ ଲାଭାଂଶ ୨୮.୬୧ କୋଟି ଘୋଷଣା କରିଅଛି ।

(ତ) କୌଣସି ଏକ କାର୍ଯ୍ୟର ଆକଳନ ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଘର ହସ୍ତାନ୍ତର ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଏସଏପି ଦ୍ୱାରା କରାଯାଉଅଛି । ସମସ୍ତ ବିତ୍ତ କାରବାର ମଧ ଏସଏପି ମାଧମରେ ସମ୍ପାଦନ କରାଯାଉଅଛି ।

(ଥ) ଏହି ନିଗମ ନିଜକୁ ନିଜେ ଗଢି ତୋଳିଥିବା ସଂସ୍ଥା ଅଟେ । କେବଳ ଏହାର ଆରମ୍ଭ ସମୟରେ ରାଜ୍ୟ ସରକାର ଯାହା ୫.୬୩ କୋଟି ଇକ୍ୱିଟି ପୁଞ୍ଜି ୧୯୮୦-୮୧ ଆର୍ଥିକ ବର୍ଷରେ ଦେଇଥିଲେ ।

(ଦ) ପ୍ରତିବର୍ଷ ନିଗମ ରାଜ୍ୟ ସରକାରଙ୍କୁ ୧୫ କୋଟି ଟଙ୍କାରୁ ଅଧିକ ଟଙ୍କାର ରାଜସ୍ୱ ପ୍ରଦାନ କରୁଅଛି ।

-:0:-